ବର୍ଷ-୨୬, ସଂଖ୍ୟା-୧୮୮
ଭୁବନେଶ୍ୱର
୧୪, ଜୁଲାଇ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 188
Bhubaneswar
14 July, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆନ୍ଧ୍ରପ୍ରଦେଶରେ କରୋନା, ଓଡ଼ିଶାରେ ଭୟ

## ୨ ମୃତ ଓ ୮ ଆକ୍ରାନ୍ତ, ଓଡିଶାରେ ସତର୍କତାମୂଳକ ପଦକ୍ଷେପ



ଭୁବନେଶ୍ୱର୧୩ା୦୭(ମହାଭାରତ): କିଛି ବର୍ଷର ବ୍ୟବଧାନ ପରେ ପୁଣି ଘାରିଲା କୋଭିଡ୍ ଭୟ। ଆନ୍ଧ୍ରର କଡପା ଜିଲ୍ଲାରେ କୋଭିଡ୍‌ରେ ୨ଜଣଙ୍କ ମୃତ୍ୟୁ ଓ ୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଓଡିଶାରେ ଚିନ୍ତା ବଢ଼ିଛି। ବିଶେଷକରି ଆନ୍ଧ୍ର ସୀମାନ୍ତ ଜିଲ୍ଲାଗୁଡିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ କରୋନା ଆକ୍ରାନ୍ତଙ୍କ ପରୀକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ କିଟ୍ ମହଜୁଦ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ତେବେ ଆଉ ଦୁଇଦିନ ପରେ ଓଡିଶାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଠାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗନ ହେଉଥିବାରୁ ଓଡିଶାରେ କୋଭିଡ୍ ସଂକ୍ରମଣ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ରନାଥ ମିଶ୍ର କହିଛନ୍ତି, କୋଭିଡ୍‌କୁ ନେଇ ସର୍ବଦା ସତର୍କତା ଚାଲୁ ରହିଛି। ରାଜ୍ୟରେ ବର୍ତ୍ତମାନ ଯେଉଁ ଲୋକଙ୍କ କୋଭିଡ୍ ଟେଷ୍ଟିଂ ହେଉଛି, କେହି ବି ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। କୋଭିଡ୍ ନିୟମାବଳୀକୁ ପାଳନ କରିବା ଲାଗି ଓଡିଶାର ସୀମାନ୍ତ ଜିଲ୍ଲା ସହ ଅନ୍ୟ ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟେଷ୍ଟ କରାଯାଉଛି। ପଡାଶୀ ରାଜ୍ୟଗୁଡିକରୁ ଲୋକଙ୍କ ଯିବା ଆସିବା ଲାଗି ରହିଛି। ତେବେ ଯେଉଁମାନଙ୍କର କୋଭିଡ୍ ଲକ୍ଷଣ ରହିଛି ସେମାନେ ନିକଟସ୍ଥ ଡାକ୍ତରଖାନାରେ ପରୀକ୍ଷା କରାଇନେବା ଉଚିତ୍। ଓଡିଶାରେ ବର୍ତ୍ତମାନସୁଦ୍ଧା କେହି କରୋନା ପଜିଟିଭ୍ ଚିହ୍ନଟ ହୋଇ ନ ଥିବାରୁ ଜନସାଧାରଣ ବ୍ୟସ୍ତ ହେବାର କେଣସି କାରଣ ନାହିଁ।

ପ୍ରଫେସର ଡା.ଜୟନ୍ତ ପଣ୍ଡା କହିଛନ୍ତି, କେବଳ ଆନ୍ଧ୍ର ନୁହେଁ, ତାମିଲନାଡୁର କୋଏମ୍ବାଟୁରରେ ମଧ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଯଦିଓ ଏହା କିଛି ପକେଟ୍‌ରେ ହୋଇଛି ତଥାପି ଲୋକଙ୍କୁ ପୂର୍ବଭଳି ସତର୍କତା ଅବଲମ୍ବନ କରିବାକୁ ପଡିବ। ଏସବୁ ସଂକ୍ରମଣ କୋଭିଡ୍‌ର ନୂଆ ପ୍ରଜାତି ପାଇଁ ହୋଇଛି କି ନାହିଁ ତାହା ଜାଣିବାକୁ ବେଶ୍ କିଛି ସମୟ ଲାଗିବ। ଇମର୍ଜିଂ ଭାଇରାଲ ଇନ୍‌ଫେକ୍ସନ୍ କାରଣରୁ ମଝିରେ ମଝିରେ ଏଭଳି ସଂକ୍ରମଣ ଦେଖିବାକୁ ମିଳିବ। ଏ ଦୃଷ୍ଟିରୁ ଆବଶ୍ୟକ ପଡିଲେ ଲୋକଙ୍କୁ କୋଭିଡ୍‌ର ଆଉ ଏକ ଡୋଜ୍ ମଧ ନେବାକୁ ପଡିପାରେ।

# ରାମ ମନ୍ଦିର ଟ୍ରଷ୍ଟକୁ ନୋଟିସ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୭: ଅଯୋଧ୍ୟା ରାମ ମନ୍ଦିରରେ ଭକ୍ତଙ୍କ ଦାନ ଅର୍ଥ ହେରଫେର ଓ ଚୋରି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ଏହି ମାମଲାରେ ସୋମବାର ଶୁଣାଣି କରି ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ଜାରି କରିଛି। ଏହା ସହ ଏସଆଇଟିକୁ ମାମଲାର ଯାଞ୍ଚ କରିବାକୁ ରିପୋର୍ଟ ମଧ ମାଗିଛି। କୋର୍ଟ କହିଛି, ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର କରାଯିବ।ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଶୁଣାଣି କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବି. ମୋହନଙ୍କ ଖଣ୍ଡପୀଠ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏସଆଇଟି ଷ୍ଟାଟସ ରିପୋର୍ଟ ମାଗିଛି। କୋର୍ଟ କହିଛି ଆମେ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସଆଇଟି ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛୁ। ଏହି ମାମଲାର ଆଗାମୀ ଶୁଣାଣି ପାଇଁ ସୋମବାର ଲିଷ୍ଟ କରାଯାଉ ଓ ଷ୍ଟାଟସ୍ ରିପୋର୍ଟରେ ଏସଆଇଟି ଗଠନର ସୂଚନା ବି ଦିଆଯାଉ। ଶୁଣାଣି ବେଳେ ଓକିଲ କୋର୍ଟଙ୍କୁ କହିଛନ୍ତି, ଏହି ମାମଲାରେ ଯାଞ୍ଚ ପାଇଁ ଉତ୍ତର ପ୍ରଦେଶ ସରକାର ଏସଆଇଟି ଗଠନ କରିଛନ୍ତି। ଏହା ଉପରେ ସଲିସିଟର ଜେନେରାଲ କହିଛନ୍ତି, ସେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ହୋଇଛନ୍ତି। କୋର୍ଟ ତାଙ୍କୁ ଯେତେବେଳେ ପଚାରିଥିଲେ ସେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ନୋଟିସ୍ ସ୍ୱୀକାର କରିବେ। ଯାହା ଉପରେ ସେ ସହମତି ପ୍ରକାଶ କରିଛନ୍ତି। ତେବେ ପରେ କୋର୍ଟ ସ୍ପଷ୍ଟ କରିଛନ୍ତି ବର୍ତ୍ତମାନ କେବଳ ଟ୍ରଷ୍ଟକୁ ନୋଟିସ୍ ଜାରି କରାଯିବ। ଯାହାକୁ ନେଇ ସେ ସହମତି ପ୍ରକାଶ କରିଥିଲେ। ତେବେ ପରେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ କେବଳ ଟ୍ରଷ୍ଟକୁ ନୋଟିସ୍ ଜାରି କରାଯାଉଛି।

# କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫% ବୋନସ୍

**ଭୁବନେଶ୍ୱର, ୧୩ା୦୭(ମହାଭାରତ):** ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ସେମାନଙ୍କ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଏହା ସହିତ କେରି ଓ ଫାଳର ମୂଲ୍ୟରେ ମଧ ବୃଦ୍ଧି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା

- **କେନ୍ଦୁପତ୍ର କେରି ପିଛା ୧୦ ପଇସା ବୃଦ୍ଧି**
- **ଫାଳ ପିଛା ୨୦ ପଇସା ବୃଦ୍ଧି**
- **ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି**

ବୃଦ୍ଧି କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ।

ସେହିପରି କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାର ସମୁଦାୟ ୭୪.୭୮ କୋଟି ଟଙ୍କା ଖର୍ଚ୍ଚ କରିବେ।

# ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ତଦନ୍ତ ଆରମ୍ଭ

## ଏଫଆଇଆର ପରେ ମୈଦାନକୁ ଓହ୍ଲାଇଲା କ୍ରାଇମବ୍ରାଞ୍ଚ, ଦୋଷୀଙ୍କୁ ଖୋଜିବ ୫ ଜଣିଆ ଟିମ୍

ଭୁବନେଶ୍ୱର୧୩ା୦୭(ମହାଭାରତ): ରାଜ୍ୟ ସରକାରୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟିକୁ ନେଇ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମାମଲାରେ ଏସସିଇଆରଟି ପକ୍ଷରୁ ଏଫଆଇଆର ଦାଖଲ କରାଯାଇଥିବାବେଳେ ଘଟଣାର ପର୍ଦ୍ଦାଫାଶ ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି।





ଏହି ଚର୍ଚ୍ଚିତ ମାମଲାର ତଦନ୍ତ ପାଇଁ ଜଣେ ଏସପିଙ୍କ ନେତୃତ୍ୱରେ ଜଣେ ଡିଏସପି ଓ ତିନିଜଣ ଅଧିକାରୀଙ୍କୁ ନେଇ ଏକ ୫ ଜଣିଆ ସ୍ୱତନ୍ତ୍ର କ୍ରାଇମବ୍ରାଞ୍ଚ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପାଠ୍ୟପୁସ୍ତକରେ ତ୍ରୁଟି କିପରି ହେଲା, କେଉଁମାନେ ଏଥିରେ ସମ୍ପୃକ୍ତ ଥିଲେ ଏବଂ ଏହା ପଛରେ କୌଣସି ଷଡ଼ଯନ୍ତ୍ର ରହିଛି କି ନାହିଁ, ସେନେଇ ଖୋଳତାଡ଼ କରିବ।

କେବଳ ବିଷୟବସ୍ତୁର ତ୍ରୁଟି ନୁହେଁ, ପାଠ୍ୟପୁସ୍ତକ ପ୍ରସ୍ତୁତି, ଯାଞ୍ଚ, ସମ୍ପାଦନା, ସମୀକ୍ଷା ଓ ପ୍ରକାଶନ ପ୍ରକ୍ରିୟାରେ କେଉଁ ସ୍ତରରେ ଅବହେଳା ହୋଇଛି, ତାହା ମଧ ତଦନ୍ତର ପରିସରକୁ ଆସିବ। ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ କ୍ରାଇମବ୍ରାଞ୍ଚ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଯାଞ୍ଚ କରିବ।ଏହାସହ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ମାଗଣା ପାଠ୍ୟପୁସ୍ତକ ପ୍ରସ୍ତୁତିରେ ୩୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ, ଆଉଟ୍‌ସୋର୍ସିଂ ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ଅର୍ଥ, ଡିଟିପି ଓ ଡିଜାଇନିଂ ଟେଣ୍ଡର ପ୍ରକ୍ରିୟା, ଏବଂ ଓସେପାର ଆର୍ଥିକ କାରବାରର ମଧ ଟିକିନିଖି ଯାଞ୍ଚ କରାଯିବ।ତଦନ୍ତରେ ଏସ୍‌ସିଇଆରଟି, ରାଜ୍ୟ ଷ୍ଟିୟରିଂ କମିଟି, କୋର କମିଟି, ସମ୍ପାଦନା ଓ ସମୀକ୍ଷକ ମଣ୍ଡଳୀଙ୍କ ଭୂମିକାକୁ ମଧ ଖତିଆନ କରାଯିବ। ବିଶେଷକରି ଏନସିଇଆରଟି ଛବି କିପରି ଓଡ଼ିଆ ପାଠ୍ୟପୁସ୍ତକରେ ସ୍ଥାନ ପାଇଲା, ସେଥିପାଇଁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ ହେବ। ତଦନ୍ତ ଶେଷ ହେବା ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

**୧୫ ବର୍ଷର ଚାକିରିରେ କୋଟି କୋଟି ଟଙ୍କାର ସମ୍ପତ୍ତି**

# ଭିଜିଲାନ୍ସ ଜାଲରେ ଆଇଟିଡିଏ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୧୩ା୦୭(ମହାଭାରତ) : ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ତଥା ପୂର୍ବତନ କୋରାପୁଟ ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ସଞ୍ଜୟ କିସପେଟା । ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ବଡ଼ ଧରଣର ଚଢ଼ାଉ କରିଛି ଓଡ଼ିଶା ଭିଜିଲାନ୍ସ । ରାଜ୍ୟର ୭ଟି ସ୍ଥାନରେ ଏକକାଳୀନ ତଲାସି ଜାରି ରହିଥିବା ବେଳେ ବହୁ ମୂଲ୍ୟବାନ ସମ୍ପତ୍ତି ଓ ଦସ୍ତାବିଜ ଠାବ କରାଯାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୬ ଜଣ ଡିଏସପି, ୮ ଜଣ ଇନ୍‌ସପେକ୍ଟର, ୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସଞ୍ଜୟ କୁମାର କିସପେଟାଙ୍କ ସହ ସମ୍ପୃକ୍ତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା।



ଏହି ତଲାସି କୋରାପୁଟର ଭଡ଼ା ଘର, କୁମ୍ଭା-୧ ମୌଜାରେ ଥିବା ୪ ମହଲା ହୋଟେଲ, କୁମ୍ଭା-୨ରେ ନିର୍ମାଣାଧୀନ ବାସଭବନ, ସୁନ୍ଦରଗଡ଼ର ପୈତୃକ ଘର ଓ ନିର୍ମାଣାଧୀନ ୩ ମହଲା କୋଠା ସହ ଭୁବନେଶ୍ୱର ଓ ବଲାଙ୍ଗିରର ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟରେ କରାଯାଇଥିଲା।କୋରାପୁଟରେ ୫ଟି ଫ୍ଲାଟ୍, ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍ ଏବଂ ରାଉରକେଲାର ଲହୁଣୀପଡ଼ାରେ ୨ଟି ଦାମୀ ଫ୍ଲାଟ୍ ଠାବ କରାଯାଇଛି। ଏହାଛଡ଼ା କୋରାପୁଟରେ ଥିବା ୪ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ ହୋଟେଲ, ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି।

ତଲାସି ବେଳେ ଦୁଇଟି ଦାମୀ କାର, ଗୋଟିଏ ବୁଲେଟ , ଗୋଟିଏ ସ୍କୁଟି, ବହୁ ପରିମାଣର ସୁନା ଓ ରୂପା ଅଳଙ୍କାର, ବିଭିନ୍ନ ଜୀବନ ବୀମା ସମ୍ବନ୍ଧୀୟ କାଗଜପତ୍ର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଠାବ ହୋଇଛି । ତଲାସି ଏବେ ବି ଜାରି ରହିଛି। ସମସ୍ତ ସମ୍ପତ୍ତିର ମୂଲ୍ୟାଙ୍କନ ଓ ଯାଞ୍ଚ ଶେଷ ହେବା ପରେ ଜବତ ସାମଗ୍ରୀ ଓ ଆୟବହିର୍ଭୂତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସହ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯିବ।

କହି ରଖୁଛୁ କି, ସଞ୍ଜୟ କୁମାର କିସ୍ପଟା ୨୦୧୧ ମସିହାରେ ଜଳ ସମ୍ପଦ ବିଭାଗ ଅଧୀନରେ ସହକାରୀ ଯନ୍ତ୍ରୀ ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ୯୩୦୦ ଟଙ୍କା ଦରମାରେ କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକରେ ନିଯୁକ୍ତି ପାଇଥିଲେ। ୨୦୧୬ ମସିହାରେ, ତାଙ୍କୁ ନିୟମିତ କରାଯାଇଥିଲା ଏବଂ ୨୦୧୮ ପର୍ଯ୍ୟନ୍ତ ନାରାୟଣପାଟଣା ବ୍ଲକରେ ସମାନ ପଦବୀରେ କାର୍ଯ୍ୟ ଜାରି ରଖିଥିଲେ। ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ, ତାଙ୍କୁ କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ବଦଳି କରାଯାଇଥିଲା। ୨୦୨୧ ରୁ ଫେବ୍ରୁଆରି ୨୦୨୫ ପର୍ଯ୍ୟନ୍ତ, ତାଙ୍କୁ କୋରାପୁଟର ଆଇଟିଡିଏ ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ନିଯୁକ୍ତି ଦିଆଯାଇଥିଲା। ୬ ମାର୍ଚ୍ଚ ୨୦୨୬ରେ, ତାଙ୍କୁ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯାଇ ଭୁବନେଶ୍ୱରର ଓଡ଼ିଶା ନିର୍ମାଣ ନିଗମ (ଓସିସି) ଲିମିଟେଡରେ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ତାଙ୍କୁ ବଲାଙ୍ଗୀରର ଓସିସିଲିମିଟେଡରେ ଡେପୁଟେସନ କରାଯାଇଥିଲା, ଯେଉଁଠାରେ ସେ ବର୍ତ୍ତମାନ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ଏହି ପଦବୀରେ ଅଛନ୍ତି।

# ରାଜଧାନୀ ମହାବିଦ୍ୟାଳୟରେ ମାରପିଟ୍

ଭୁବନେଶ୍ୱର, ୧୩।୭: ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଧିରେ ଧିରେ ଅଶାନ୍ତ ହେବାକୁ ଲାଗିଛି କଲେଜ୍ କ୍ୟାମ୍ପସ୍ । ରମାଦେବୀ ବିଶ୍ୱବିଦ୍ୟାଳୟ ପରେ ରାଜଧାନୀ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି । ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି ।

ଅଣଛାତ୍ର ମୁକ୍ତ, ନିଶା ମୁକ୍ତ କ୍ୟାମ୍ପସ, ସିସିଟିଭି ଲଗାଇବା




ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜଧାନୀ କଲେଜ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା । ଏହି କଲେଜ ଅଧ୍ୟକ୍ଷ ମଧ ଆନ୍ଦୋଳନରତ ଛାତ୍ରଙ୍କୁ ଭେଟିଥିଲେ । ଏହା ପରେ ପରେ କୌଣସି କାରଣବଶତଃ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ଏଥିରେ ଜଣେ ଛାତ୍ର ଆହତ ହୋଇଛନ୍ତି । ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ତୁରନ୍ତ ପୋଲିସ କଲେଜରେ ପହଁଚିଥିଲା । ପୋଲିସ କିଛି ଛାତ୍ରଙ୍କୁ ଉଠାଇ ନେବା ସହିତ ଉତ୍ତେଜନା ପରିସ୍ଥିତିକୁ ଦେଖି ପୋଲିସ ଫୋର୍ସ ମୁତୟନ କରାଯାଇଛି । ତେବେ କାହିଁକି ଗଣ୍ଡଗୋଳ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଉଲ୍ଲେଖ ଯୋଗ୍ୟ, ଗତ କିଛି ଦିନ ତଳେ ରମାଦେବୀ ବିଶ୍ୱବିଦ୍ୟାଳୟରେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ବ୍ୟାନର୍ ମରାକୁ କେନ୍ଦ୍ର କରି ଅଣଛାତ୍ର ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଗୋଟିଏ ଗୋଷ୍ଠୀ ବିଶ୍ୱବିଦ୍ୟାଳୟ ଗେଟରେ ତାଲା ପକାଇ ଦେଇଥିଲେ ।

# ଆଖୁଚାଷକୁ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର, ୧୩ା୦୭(ମହାଭାରତ): ରାଜ୍ୟରେ ଚିନି ଉତ୍ପାଦନ ବୃଦ୍ଧି କରାଯିବ । ୩୬୦ କୋଟି ଖର୍ଚ୍ଚରେ ବଡମ୍ବା ଚିନିକଳର ପୁନରୁଦ୍ଧାର ହେବ । ସେହିପରି ଆଗକୁ ନୟାଗଡ ଚିନିକଳ ବି ଚାଲିବ । ଚିନି ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟରେ ଅଧିକ ଆଖୁ ଚାଷ କରାଯିବ । ଆଖୁ ଚାଷର ଉନ୍ନତି ପାଇଁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ୱତନ୍ତ୍ର ରଣକୌଶଳ ଆପଣାଇଛି । ଆଖୁ ଉପରେ ଅଧିକ ଗବେଷଣା ପାଇଁ ଖୋଲିବ ଓୟୁଏଟିର ସ୍ୱତନ୍ତ୍ର କ୍ୟାମ୍ପସ୍ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି ।



ଓୟୁଏଟି କୁଳପତି ପ୍ରଫେସର ପି କେ ରାଉଳଙ୍କ ସୂଚନା ମୁତାବକ ରାଜ୍ୟରେ ଏଣିକି ଉଚ୍ଚ ଅମଳକ୍ଷମ ଆଖୁ ଚାଷ କରାଯିବ । ଇଥାନଲ୍ ପାଇଁ ସହାୟକ ହେବ । କୀଟ/ରୋଗ ପ୍ରତିରୋଧ କରିବା ସହିତ ମରୁଡି ସହନଶୀଳତା କିସମଗୁଡିକୁ ଓୟୁଏଟିର ସ୍ୱତନ୍ତ୍ର କ୍ୟାମ୍ପସରେ ବିକାଶ କରାଯିବ । ଚାରା ରୋପଣ ବେଳେ ବଡ୍ ଚିପ୍ ଟେକ୍ନୋଲୋଜି, ପୂର୍ବ ଅଙ୍କୁରିତ ଚାରା, ଟିସୁ କଲଚର, ମାଇକ୍ରୋ-ପ୍ରୋପାଗେସନ୍ ପ୍ରମୁଖ ଜ୍ଞାନ କୌଶଳ ଆପଣାଇବାକୁ ଚେଷ୍ଟା କରାଯିବ ।

ସେହିପରି ଲାଭଦାୟକ ଆଖୁ-ଭିତ୍ତିକ ଆନ୍ତଃଫସଲ ପ୍ରଣାଳୀର ମାନକୀକରଣ ନିର୍ଦ୍ଧାରଣ କରାଯିବ । ଚାଷୀଟିଏ ବହୁବିଧ ଚାଷ କରି ଯେପରି ଲାଭବାନ ହୋଇ ପାରିବ ସେ ବାବଦରେ ଓୟୁଏଟି ତାଲିମ ଦେବ । ଆଖୁ ଚାଷରେ ଉନ୍ନତ ମାନର ନାନୋ-ସାର ଏବଂ ଜଳରେ ଦ୍ରବଣୀୟ ସାର ପ୍ରୟୋଗ, ଉପଯୁକ୍ତ କୃଷି ଯାନ୍ତ୍ରିକୀକରଣ ବାବଦରେ ତାଲିମ ଦିଆଯିବ । କେଉଁ ଅଞ୍ଚଳରେ ତଥା କେଉଁ ଜଳବାୟୁରେ ଉନ୍ନତ ମାନର ଆଖୁ ଚାଷ ହୋଇପାରିବ, ସେ ନେଇ ଅନୁସନ୍ଧାନ କରାଯିବ । ଚାଷ ବେଳେ କୀଟପତଙ୍ଗ ହେଲେ ତାହାକୁ କିଭଳି ରାସାୟନିକ ଦ୍ରବ୍ୟ ପ୍ରୟୋଗ ନକରି ଜୈବିକ ଉପାୟରେ ସମାଧାନ କରିହେବ, ସେ ନେଇ ମଡେଲର ବିକାଶ କରାଯିବ । ଆଖୁର ପ୍ରକ୍ରିୟାକରଣ, ମୂଲ୍ୟ ବୃଦ୍ଧି, ଉତ୍ପାଦ ବିବିଧତା ଏବଂ ଜୈବ ଅର୍ଥନୀତି ପଦକ୍ଷେପରେ ନବସୃଜନ ଅଣାଯିବ । ଗ୍ରାମାଞ୍ଚଳରେ କୃଷି-ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜୈବ ଗୁଡ ଉତ୍ପାଦନ ପାଇଁ ପ୍ରଯୁକ୍ତିବିଦ୍ୟା ତାଲିମ ଦିଆଯିବ । ଆବଶ୍ୟକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ବା ଏଆଇର ସାହାଯ୍ୟ ନିଆଯିବ ବୋଲି ପ୍ରଫେସର ରାଉଳ ସୂଚନା ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ, ଓଡିଶାରେ ୧୯.୨ ହଜାର ହେକ୍ଟରରେ ଆଖୁ ଚାଷ ହେଉଛି । ପାଖାପାଖି ୧୪୫୩ ହଜାର ଟନ୍ ମୋଟ ଆଖୁ ଉତ୍ପାଦନ ହେଉଥିବା ବେଳେ ହେକ୍ଟର ପିଛା ହାରାହାରି ୭୫.୬୮ ଟନ୍ ଉତ୍ପାଦନ ହେଉଛି । ରାଜ୍ୟର ବିଭିନ୍ନ କୃଷି-ଜଳବାୟୁ ଜୋନ୍ ହୋଇଥିଲେ ସୁଦ୍ଧା କୋରାପୁଟ, ନବରଙ୍ଗପୁର, କଟକ, ଯାଜପୁର, ଙ୍କାନାଳ, ଏବଂ ନୟାଗଡ ହେଉଛି ପ୍ରମୁଖ ଆଖୁ ଉତ୍ପାଦନ ଜିଲ୍ଲା । ତେବେ ପୂର୍ବରୁ ୨୦.୭୮ ହଜାର ହେକ୍ଟରରେ ଆଖୁ ଚାଷ ହେଉଥିବାବେଳେ ଏବେ ଏହା ୧୯.୨ ହଜାର ହେକ୍ଟରକୁ ଖସିଛି । ଉତ୍ପାଦନ ମଧ ୧୫୦୧.୭୨ ହଜାର ଟନ୍ରୁ ୧୪୫୩.୦୩ ହଜାର ଟନକୁ ଖସିଛି । ହେଲେ ହେକ୍ଟର ପିଛା ଉତ୍ପାଦନ ସାମାନ୍ୟ ବୃଦ୍ଧି ପାଇଛି । ପୂର୍ବରୁ ଆମ ରାଜ୍ୟରେ ହେକ୍ଟର ପିଛା ୭୨.୨୭ ଟନ୍ ଉତ୍ପାଦନ ହେଉଥିବା ବେଳେ ଏବେ ଏହା ୭୫.୬୮ଟନରେ ପହଞ୍ଚିଛି । ଏହି ଫସଲ କରିବା ଦ୍ୱାରା ୨୦୩୦ ସୁଦ୍ଧା ଇଥାନଲ ମିଶ୍ରଣକୁ ୨୦%କୁ ବୃଦ୍ଧି କରିବାର ଜାତୀୟ ଲକ୍ଷ୍ୟ ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଘରୋଇ ଇନ୍ଧନ ଉତ୍ପାଦନକୁ ମଜଭୁତ କରିବ । ଗୁଡ ଓ ଏଥିରୁ ପ୍ରସ୍ତୁତ ସାମଗ୍ରୀ, ଏହାର ମୂଲ୍ୟଯୁକ୍ତ ଉତ୍ପାଦ, ପ୍ୟାକେଜ୍ ଆଖୁ ରସର ବର୍ଦ୍ଧିତ ଚାହିଦାକୁ ମୁକାବିଲା କରିବା ନେଇ ଓଡିଶାକୁ ଆଖୁ ଭିତ୍ତିକ ଏକ ହବ୍ କରିବାରେ ସହାୟକ ହେବ । ତେବେ ଓୟୁଏଟି ୬ ପ୍ରକାର ଆଖୁ କିସମ ବାହାର କରିଛି । ସେଥି ମଧ୍ୟରୁ ୪ଟି ସହଳ କିସମ ହୋଇଥିବା ବେଳେ ୨ଟି ମଧ୍ୟମ ବିଳମ୍ବ କିସମ । ସବିତା, ନୀଳମାଧବ, ନୀଳଚକ୍ର ଓ କଳିଙ୍ଗ ଆଖୁ - ୩୪୬ ସହଳ କିସମ ହୋଇଥିବା ବେଳେ ରଘୁନାଥ ଓ ଚର୍ଚ୍ଚିକା ମଧ୍ୟମ ବିଳମ୍ବ କିସମ ବୋଲି ସୂଚନା ମିଳିଛି ।

# ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ବଡ଼ ପ୍ରସ୍ତୁତି

ପୁରୀ, ୧୩।୭(ମହାଭାରତ): ପୁରୀ ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ରଥଯାତ୍ରା ସମୟରେ ପୁରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ରାସ୍ତାରେ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ପ୍ରତ୍ୟେକ କେନ୍ଦ୍ରରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟଙ୍କ ସହ ପର୍ଯ୍ୟାପ୍ତ ଔଷଧ ଓ ଆପାତକାଳୀନ ସେବାର ବ୍ୟବସ୍ଥା ରହିବ।

**୩୦ ସରକାରୀ, ୫୨ ସ୍ୱେଚ୍ଛାସେବୀ ମେଡିକାଲ୍ କ୍ୟାମ୍ପ ସହ ୪୦୦ରୁ ଅଧିକ ସ୍ୱେଚ୍ଛାସେବୀ, ବଡଦାଣ୍ଡରେ ହେବ ୮ ଅସ୍ଥାୟୀ ଡାକ୍ତରଖାନା**

ଏଥର ଜିଲ୍ଲା ପ୍ରଶାସନ ପକ୍ଷରୁ ୩୦ଟି ସରକାରୀ ଓ ୫୨ଟି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯିବ। ସେହିପରି ଯେକୌଣସି ଆପାତକାଳୀନ ସ୍ଥିତିର ମୁକାବିଲା ପାଇଁ ୪୬ଟି ‘୧୦୮’ ଆମ୍ବୁଲାନ୍ସ ସହ ୪୩ଟି ଘରୋଇ ଆମ୍ବୁଲାନ୍ସ ସଜାଗ ରହିବ।

ଭିଡ଼ ଭିତରେ ଅସୁସ୍ଥ କିମ୍ବା ଆହତ ଭକ୍ତଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ୧୨ଟି ଷ୍ଟ୍ରେଚର୍ ୟୁନିଟ୍‌ରେ ୧୨୯ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏହାଛଡ଼ା ୮ରୁ ଅଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୪୦୦ରୁ ଅଧିକ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଯାତ୍ରୀଙ୍କୁ ଆବଶ୍ୟକ ସମୟରେ ସହାୟତା ଯୋଗାଇବେ।

କେବଳ ଆଶୁ ଚିକିତ୍ସା କେନ୍ଦ୍ର ନୁହେଁ, ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଏସି ସୁବିଧାଯୁକ୍ତ ଅସ୍ଥାୟୀ ଡାକ୍ତରଖାନା ଓ ଶଯ୍ୟାର ବ୍ୟବସ୍ଥା ମଧ କରାଯାଇଛି। ଉତ୍ତରଦ୍ୱାର, ବସ୍‌ଷ୍ଟାଣ୍ଡ, ଦିଗବାରେଣୀ ଛକ, ନୀଳାଦ୍ରି ଭକ୍ତନିବାସ, ଜଗନ୍ନାଥବଲ୍ଲଭ ପାର୍କିଂ, ରେଳଷ୍ଟେସନ୍ ସମେତ ଏକାଧିକ ସ୍ଥାନରେ ଶଯ୍ୟା ସହ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ରହିବ।

ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗର ଏହି ବ୍ୟାପକ ପ୍ରସ୍ତୁତି ରଥଯାତ୍ରା ସମୟରେ ଭକ୍ତଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇବା ସହ ଯେକୌଣସି ଆପାତକାଳୀନ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବାରେ ବଡ଼ ସହାୟକ ହେବ।

## ‘ଫୁଲକୋବି ଖିରି’

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।



**····· ପରଦା ଖବର ·····**

## ଫ୍ୟାନ୍ସଙ୍କୁ ଝିଅର ନାଁ ସହିତ ପ୍ରଥମ ଝଲକ ଦେଖାଇଲେ ସୁରଭି

ଟିଭି ଅଭିନେତ୍ରୀ ନାଗିନ ତଥା ସୁରଭି ଜ୍ୟୋତି ନିଜ ଜୀବନର ସବୁଠୁ ଖୁସି ମୁହୂର୍ତ୍ତରେ ରହିଛନ୍ତି । ନିକଟରେ ଅଭିନେତ୍ରୀ ଜଣକ ୩୮ ବର୍ଷ ବୟସରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି । ମା’ ହେବା ପରେ ପ୍ରଥମ ଥର ନିଜ କୁନି ଝିଅର ପ୍ରଥମ ଝଲକ ଫ୍ୟାନ୍ସଙ୍କ ସହିତ ସେୟାର କରିଛନ୍ତି । ଏହାସହିତ ଏକ ଭାବବିହ୍ୱଳ ପୋଷ୍ଟ ମଧ୍ୟ ଲେଖି ଝିଅର ନାମ ରିଭିଲ୍ କରିଛନ୍ତି । ଏହାକୁ ନେଇ ଫ୍ୟାନ୍ସ ଶୁଭେଚ୍ଛା ଜଣାଇଛନ୍ତି ।ସୁରଭି ଜ୍ୟୋତି ଏବେ ମାତୃତ୍ୱକୁ ସେଲିବ୍ରେଟ୍ କରୁଛନ୍ତି ।ସୁରଭି ଏବଂ ସୁମିତ ବିବାହର ୨ ବର୍ଷ ପରେ ମାତାପିତା ହୋଇଛନ୍ତି। ସୁରଭି ୧୩ ଜୁନରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ଦମ୍ପତି ସୋସିଆଲ ମିଡିଆ ପେଜରେ ଏହାର ସୂଚନା ଦେଇଥିଲେ । ପିଲା ଜନ୍ମ ହେବା ପରେ ଫ୍ୟାନ୍ସ ସୁରଭି କ’ଣ ନାମ ରଖୁଛନ୍ତି, ତାହାକୁ ନେଇ ଫ୍ୟାନ୍ସ ଉତ୍ସାହିତ ରହିଥିଲେ । ଅଭିନେତ୍ରୀ ଏବେ ଝିଅର ନାମ ଖୁଲାସା କରିଛନ୍ତି ।ସୁରଭି ନିଜ ଝିଅର ନାମ ସେହର ରଖିଛନ୍ତି। ପୋଷ୍ଟ ସେୟାର କରିଛନ୍ତି ୟ ଏଥିରେ ଲେଖିଛନ୍ତି ଓଁ ସେହର । ସେହର ସକାଳର ପ୍ରଥମ କିରଣ ଭଳି, ତୁମେ ଆସି ସବୁକିଛି ଉଜ୍ୱଳ କରିଦେଇଛ । ଝିଅର ମୁହଁ ନ ଦେଖାଯାଇଥିବା ବେଳେ ଝିଅର ହାତ ଦେଖିବାକୁ ମିଳିଛି । ଝିଅ ସେହର ଫୁଲ ଧରିଥିବା ନଜର ଆସିଛନ୍ତି । ସୁରଭିଙ୍କ ଝିଅ ଫଟୋ ଦେଖିବା ପରେ ନାଁକୁ ମଧ୍ୟ ପସନ୍ଦ କରିଛନ୍ତି ।





## ପଞ୍ଚଦେବଙ୍କ ମଧ୍ୟରୁ ଅନ୍ୟତମ ସୂର୍ଯ୍ୟ



ପଞ୍ଚ ହିନ୍ଦୁ ଦେବଙ୍କ ମଧ୍ୟ ସୂର୍ଯ୍ୟ ହେଉଛନ୍ତି ଅନ୍ୟତମ । ସେ ଆଲୋକ ପ୍ରଦାନ କରି ସାରା ଜୀବଜଗତକୁ ଜୀବନ ପ୍ରଦାନ କରିଛନ୍ତି । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୂର୍ଯ୍ୟ ଦେବ ଋଷି କଶ୍ୟପ ଏବଂ ମାତା ଅଦିତିଙ୍କ ପୁତ୍ର । ମାତାଙ୍କ ନାମ ଅନୁସାରେ ତାଙ୍କୁ ଆଦିତ୍ୟ ନାମରେ ସମ୍ବୋଧନ କରାଯାଇଥାଏ। ସୂର୍ଯ୍ୟ ଦେବଙ୍କ ଠାରୁ ଶିକ୍ଷା ଗ୍ରହଣ କରି ହନୁମାନ ମହାଜ୍ଞାନୀ ହୋଇ ପାରିଥିଲେ । ହିନ୍ଦୁ ଧର୍ମରେ ସୂର୍ଯ୍ୟ ପୂଜାର ବିଶେଷ ମହତ୍ତ୍ୱ ରହିଛି । ପ୍ରାତଃ ସ୍ନାନ ପରେ ସୂର୍ଯ୍ୟ ଦେବଙ୍କ ପୂଜା ଅଶେଷ କଲ୍ୟାଣଦାୟୀ ହୋଇଥାଏ । ଭଗବାନ ସୂର୍ଯ୍ୟ ନାରାୟଣଙ୍କର ୨୧ଟି ପବିତ୍ର ନାମ ରହିଛି । ଏହି ନାମ ଉଚ୍ଚାରଣ କରିବା ଦ୍ୱାରା ଆୟୁ, ଶକ୍ତି, ସଫଳତା, ସମ୍ମାନ ଓ ପ୍ରତିପତି ବୃଦ୍ଧି ଘଟିଥାଏ ବୋଲି ବିଶ୍ୱାସ ରହିଛି । ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ‘ସ୍ତବରାଜ’ ଭାବେ ପ୍ରସିଦ୍ଧ ସୂର୍ଯ୍ୟ ଦେବଙ୍କ ଏହି ୨୧ଟି ନାମ ଉଚ୍ଚାରଣ କରିବା ଦ୍ୱାରା ସୂର୍ଯ୍ୟଙ୍କ କୃପାପ୍ରାପ୍ତି ସହଜ ହୋଇଥାଏ । ଏହି ନାମ ହେଉଛି : ଭାସ୍କର, ରବି, ତାପନ, ଲୋକସାକ୍ଷୀ, ଲୋକପ୍ରକାଶକ, ତପନ, ସୁଚିପବନ, ଲୋକଚକ୍ଷୁ, ଶ୍ରୀମାନ୍, ତ୍ରିଲୋକେଶ, କର୍ତ୍ତା, ଗ୍ରହେଶ୍ୱର, ହର୍ତ୍ତା, ବ୍ରହ୍ମା, ଗଭସ୍ତିହସ୍ତ, ତମିସ୍ତ୍ରହ, ସପ୍ତଶ୍ୱବାହାନ, ବିକର୍ତ୍ତନ, ବିଭାଶ୍ୱନ, ମାର୍ତ୍ତଣ୍ଡ ସର୍ବଦେବନମସ୍କୃାତ୍ । ଏହି ନାମ ଜପ କଲେ ଭକ୍ତର ସମସ୍ତ ଦୁଃଖ ଦୂର ହେବାର ସହ ଅଶେଷ କଲ୍ୟାଣ ପ୍ରାପ୍ତି ହୋଇଥାଏ ।

## କୋଲେଷ୍ଟର କମ୍ କରେ ନାସପାତି



ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ’ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ’ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ। ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ। ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ। ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ।

## ରାଜା ପରୀକ୍ଷିତଙ୍କର ହୋଇଥିଲା ପୁନର୍ଜନ୍ମ



ମହାଭାରତର ଅଶ୍ୱମେଧ ପର୍ବ ଅନୁଯାୟୀ, ବିରାଟ ରାଜାଙ୍କ ପୁତ୍ରୀ ଥିଲେ ଉତ୍ତରା। ପାଣ୍ଡବମାନେ ଅଜ୍ଞାତବାସ କରିବା ସମୟରେ ଅର୍ଜୁନ ବୃହନ୍ନଳା ରୂପରେ ଅଜ୍ଞାତବାସ କାଟୁଥିଲେ । ଉତ୍ତରାଙ୍କୁ ବୃହନ୍ନଳା ନୃତ୍ୟ, ସଂଗୀତ ଆଦି ଶିକ୍ଷା ଦେଉଥିଲେ । କୌରବମାନେ ବିରାଟ ରାଜାଙ୍କ ଗାଈ ଚୋରାଇ ନେଲେ । ସେ ସମୟରେ ଅର୍ଜୁନ କୌରବଙ୍କ ସହ ଯୁଦ୍ଧ କରି ଅପୂର୍ବ ପରାକ୍ରମ ଦେଖାଇଥିଲେ ଏବଂ ଗାଈ ଫେରାଇ ଆଣିଥିଲେ । ଅର୍ଜୁନଙ୍କ ଏହି ବୀରତ୍ୱ ଦେଖି ରାଜା ବିରାଟ ନିଜ ପୁତ୍ରୀ ଉତ୍ତରାଙ୍କ ସହ ତାଙ୍କର ବିବାହ କରିବାକୁ ପ୍ରସ୍ତାବ ଦେଲେ । ମାତ୍ର ଉତ୍ତରାଙ୍କୁ ଶିକ୍ଷା ଦେଉଥିବାରୁ ସେ ତାଙ୍କର କନ୍ୟା ସମାନ ଥିଲେ । ଏହି ଦୃଷ୍ଟିରୁ ଅର୍ଜୁନ ତାଙ୍କୁ ବିବାହ କରିବା ଲାଗି ମନା କରିଦେଲେ । ଶେଷରେ ଉତ୍ତରାଙ୍କୁ ଅର୍ଜୁନ ଏବଂ ସୁଭଦ୍ରାଙ୍କ ପୁତ୍ର ଅଭିମନ୍ୟୁ ବିବାହ କରିଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କ ଦ୍ୱାରା ଅଶ୍ୱମେଧ ଯଜ୍ଞ ଆୟୋଜନ କରିବା ଲାଗି ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ଉତ୍ତରାଙ୍କ ପୁତ୍ର ଜନ୍ମ ନେଲା । ଏହି ଆନନ୍ଦର ସମୟ ହଠାତ୍ ଶୋକରେ ଭରିଗଲା । ଜଣାପଡ଼ିଲା ଯେ ଉତ୍ତରା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ପାଣ୍ଡବଙ୍କ ପାଇଁ ତର୍ପଣ କରିବା ଲାଗି କେହି ନଥିଲେ ।

ସମସ୍ତେ ଏହି ବାଳକ ଉପରେ ଆଶା ରଖିଥିଲେ । ଭଗବାନ ଶ୍ରୀକୃଷ୍ଣ ବୁଝିପାରିଲେ ଯେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ଯୋଗୁ ଏହି ବାଳକ ଉତ୍ତରାଙ୍କ ଗର୍ଭରେ ମୃତ୍ୟୁବରଣ କରିଛି । ତେଣୁ ମୃତ ଶିଶୁ ଜନ୍ମ ହୋଇଛି । ଶ୍ରୀକୃଷ୍ଣ ସେହି ମୃତଶିଶୁକୁ କୋଳେଇ ନେଲେ ଏବଂ ଉତ୍ତରା ଏବଂ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ କହିଲେ, ମୁଁ କେବେ ବି ଯୁଦ୍ଧଭୂମିରୁ କାପୁରୁଷ ଭଳି ପଳାୟନ କରିନାହିଁ । କେବେ ମିଥ୍ୟାର ଆଶ୍ରୟ ନେଇନାହିଁ । ଯାହା ବି କରିଛି ସର୍ବଦା ଧର୍ମ ପ୍ରତିଷ୍ଠା ପାଇଁ ହିଁ କରିଛି । ମୋର ପୁଣ୍ୟ ବଳରେ ମୁଁ ଏବେ ଏହି ଶିଶୁକୁ ଜୀବନଦାନ ଦେଉଛି । ଏହା କହିବା ପରେ ଶିଶୁଟି ତତ୍କ୍ଷଣାତ୍ ଜୀବିତ ହୋଇଗଲା । ଜନ୍ମ ପୂର୍ବରୁ ହିଁ ସେହି ଶିଶୁ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଭଗବାନ ଶ୍ରୀକୃଷ୍ଣ ତା’ର ନାଁ ଦେଲେ ‘ପରୀକ୍ଷିତ’ । ପରବର୍ତ୍ତୀ କାଳରେ ଏହି ଶିଶୁ ହିଁ ପାଣ୍ଡବଙ୍କ ଉତ୍ତରାଧିକାରୀ ରୂପରେ ହସ୍ତିନାପୁରର ଶାସନ କଲା । ରାଜା ପରୀକ୍ଷିତ ଭାରତବର୍ଷରେ ଧର୍ମପୂର୍ବକ ଶାସନ କରିଥିଲେ । ତାଙ୍କ ଯୋଗୁ ଆର୍ଯ୍ୟାବର୍ତ୍ତ ଏକ ଭୂଖଣ୍ଡ ରୂପରେ ଶାସିତ ହୋଇଥିଲା ଏବଂ ସମୃଦ୍ଧିର ଶିଖରରେ ପହଞ୍ଚିପାରିଥିଲା । ରାଜା ପରୀକ୍ଷିତଙ୍କ ସମୟରେ ହିଁ ଦ୍ୱାପର ଯୁଗର ପରିସମାପ୍ତି ଘଟି ସଂସାରରେ କଳିଯୁଗର ଆଗମନ ହୋଇଥିଲା ।

## ଅର୍ଜୁନଙ୍କୁ ଅଭିଶାପ

ସ୍ୱର୍ଗରେ ୧୧୧ ଅପସରା ରହିଥିଲେ। ଏମାନଙ୍କ ମଧ୍ୟରୁ ଉର୍ବଶୀଙ୍କ ସ୍ଥାନ ସର୍ବୋଚ୍ଚ ଥିଲା। ତାଙ୍କର ସୁନ୍ଦରତା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା। ଦିନେ



ମର୍ତ୍ତ୍ୟମଣ୍ଡଳରୁ ରାଜା ପୁରୁରବା ଇନ୍ଦ୍ରଦେବଙ୍କ ସଭାକୁ ଆସିଥିଲେ। ତାଙ୍କୁ ଦେଖି ଉର୍ବଶୀ ମୋହିତ ହୋଇପଡ଼ିଲେ। ଏମିତିରେ ତାଙ୍କ ନୃତ୍ୟ ବିଗିଡ଼ିଗଲା। ଏହା ଜାଣିପାରି ଦେବରାଜ ଇନ୍ଦ୍ର କୋପିତ ହେଲେ। ସେ ଉର୍ବଶୀଙ୍କୁ ଅଭିଶାପ ଦେଲେ । ଏହି ଅଭିଶାପ କାରଣରୁ ଉର୍ବଶୀ ମର୍ତ୍ତ୍ୟମଣ୍ଡଳରେ ଯାଇ ରାଜା ପୁରୁରବାଙ୍କୁ ବିବାହ କରି ରହିଲେ। ଦୁହିଁଙ୍କ ଔରସରୁ ୯ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ। କିଛି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁଲୋକରେ ପୁରୁରବାଙ୍କ ସହ ସମୟ ବିତାଇବା ପରେ ଉର୍ବଶୀ ସ୍ୱର୍ଗକୁ ଫେରିଆସିଲେ ଏବଂ ଇନ୍ଦ୍ରଦେବ ତାଙ୍କୁ ପୁଣି ଥରେ ସ୍ୱୀକାର କରିନେଲେ। ଏମିତି ସମୟ ବିତିଗଲା। ଦେବରାଜ ଇନ୍ଦ୍ରଙ୍କ କୃପାରୁ ରାଜା ପାଣ୍ଡୁଙ୍କ ପତ୍ନୀ କୁନ୍ତୀଙ୍କ ପୁତ୍ର ରୂପେ ଅର୍ଜୁନ ଜନ୍ମନେଲେ। ଦିନେ ଅର୍ଜୁନ ସ୍ୱର୍ଗଲୋକ ଯାଇଥିଲେ। ସେଠାରେ ଉର୍ବଶୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ଉର୍ବଶୀ ଅର୍ଜୁନଙ୍କୁ ଦେଖି ମୋହିତ ହୋଇଗଲେ ଏବଂ ତାଙ୍କ ସହ ପ୍ରଣୟ ଲାଗି ପ୍ରସ୍ତାବ ଦେଲେ। ମାତ୍ର ଅର୍ଜୁନ କହିଲେ, ଆପଣ ମୋର ପୂର୍ବଜ ରାଜା ପୁରୁରବାଙ୍କୁ ବିବାହ କରିଥିଲେ। ଏହି ଦୃଷ୍ଟିରୁ ଆପଣ ମୋର ମାତାଙ୍କ ଭଳି। ତେଣୁ ଆପଣଙ୍କୁ ବିବାହ କରିବା ମୋ ପାଇଁ ପାପ ହେବ। ଏଥିରେ ଉର୍ବଶୀ କ୍ରୋଧିତ ହୋଇପଡ଼ିଲେ। ସେ ଅର୍ଜୁନଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ। ତେବେ ସେ ଏହାର ଅବଧି ସୀମିତ ରଖିଲେ। ଅଜ୍ଞାତବାସ କାଳରେ ଅର୍ଜୁନଙ୍କୁ ନପୁଂସକ ଭଳି ଜୀବନ ବିତାଇବାକୁ ପଡ଼ିଲା। ସେ ରାଜା ବିରାଟଙ୍କ ରାଜଦରବାରରେ ନର୍ତ୍ତକୀ ‘ବୃହନଳା’ ରୂପରେ ନିଜ ପରିଚୟ ଲୁଚାଇ ରହିଥିଲେ।

# ସୁଜାତାଙ୍କୁ ବିଜେଡିରେ ଗୁରୁତ୍ୱ

ନବୀନ କହିଛନ୍ତି ଯେ, ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଯୋଗ ଦେଇଛନ୍ତି ଏବଂ ଆସନ୍ତା ନିର୍ବାଚନରେ ସେ ନିଜେ ଦଳର ନେତୃତ୍ୱ ନେବେ କିନ୍ତୁ ତାହା ବିଶ୍ୱାସଯୋଗ୍ୟ ନୁହେଁ ନବୀନ କାହିଁକି ଏକଥା କହିଲେ ? ଏହାକୁ କହନ୍ତି ଠାକୁର ଘରେ କିଏ ନା ମୁଁ କଦଳୀ ଖାଉନି। ସୁଜାତା ଜଣେ ଲୋକପ୍ରିୟ ନେତ୍ରୀ ନୁହଁନ୍ତି। ଓଡ଼ିଶା ପ୍ରତି ତାଙ୍କର କିଛି ଅବଦାନ ନାହିଁ। ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଇ ସେ ଚାକିରୀ କରିଥିଲେ। ଚାକିରୀ କାଳରେ ସେ ସେମିତି କିଛି ଚମତ୍କାରିତା ଦେଖାଇନଥିଲେ। ତେଣୁ ସେ ବିଜେଡିର ନେତୃତ୍ୱ ନେବେ ବୋଲି ଆଶା କରିବା ଭୁଲ। ତେବେ ନବୀନ କାହିଁକି ତାଙ୍କୁ ଗୁରୁତ୍ୱ ଦେଉଛନ୍ତି ? ବିଜେଡି କାର୍ଯ୍ୟାଳୟରେ କାହିଁକି ଏତେବଡ଼ ମିଶ୍ରଣ ପର୍ବ ଅନୁଷ୍ଠିତ ହେଲା ? ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସୁଜାତା ବିଜେଡିର ଜଣେ ଖାସ କର୍ମୀ। ସେ ଦଳର ନେତୃତ୍ୱ ନେବେନି, କିନ୍ତୁ ଦଳକୁ ପରିଚାଳିତ କରିବେ। ଏହାକୁ ବିଜେଡିର ପୁରୁଣା ନେତା ଓ କର୍ମୀ ହଜମ କରିବା ନିଶ୍ଚିତ ଭାବେ କଷ୍ଟକର ହେବ। କେବଳ ଚାଟୁକାର, କ୍ଷମତାଲିପ୍ସୁ ମାନେ ହିଁ ସୁଜାତାଙ୍କୁ ସେମାନଙ୍କର ନେତ୍ରୀ ଭାବେ ଭାବିବେ। ସାଧାରଣ ଲୋକେ କେବେ ସୁଜାତାଙ୍କ ମୁହଁ ଦେଖି ତାଙ୍କୁ ଭୋଟ ଦେବେ ନି। ପ୍ରାୟ ତିନି ଦଶନ୍ଧି ଧରି ରାଜ୍ୟରେ ତିନିଟି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ବିଜେପି ରାଜ୍ୟ ରାଜନୀତିର କେନ୍ଦ୍ର ବିନ୍ଦୁରେ ରହିଛନ୍ତି। ୧୯୯୬ରେ ଜନତା ଦଳର ବିଭାଜନ ହୋଇ ବିଜୁ ଜନତା ଦଳ ଗଠିତ ହୋଇଥିଲା। କଂଗ୍ରେସକୁ ପରାଜିତ କରିବା ନିମନ୍ତେ ବିଜେପି ସହ ମେଣ୍ଟ କରିବା ଉଦ୍ଦେଶ୍ୟରେ ବିଜେଡି ଗଠିତ ହୋଇଥିଲା। ୨୦୦୯ ପର୍ଯ୍ୟନ୍ତ ଏହି ମେଣ୍ଟ ରହିଥିଲା। ୨୦୦୯ରେ ଏହି ମେଣ୍ଟ ଭାଙ୍ଗିଗଲା। ସେବେଠାରୁ ରାଜ୍ୟରେ ସବୁ ନିର୍ବାଚନରେ ତ୍ରିମୁଖୀ ମୁକାବିଲା ହୋଇଆସୁଛି। ବାମପନ୍ଥୀ, ଜେଏମଏମ ଭଳି କିଛି ଦଳ କିଛି ନିର୍ବାଚନମଣ୍ଡଳୀରେ ପ୍ରଭାବ ରଖିଛି। ସେମାନେ କଂଗ୍ରେସ ସହ ମେଣ୍ଟ ଗଠନ କରୁଛନ୍ତି। ବିଜେଡି ଗଠନ ପରେ ଜନତା ଦଳ ଅଳ୍ପ କିଛି ବର୍ଷ ତିଷ୍ଠି ରହିଥିଲା। ଧିରେ ଧିରେ ତାହା ବିଲୁପ୍ତ ହୋଇଗଲା। ବିଜେଡି ଗଠନ ରାଜ୍ୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏବେ ରାଜ୍ୟରେ ଏକ ନୂଆ ରାଜନୈତିକ ସମୀକରଣ ପାଇଁ ଉଦ୍ୟମ ହେଉଛି। ତିନି ପ୍ରମୁଖ ଦଳରେ ନଥିବା ବା ସେସବୁ ଦଳରେ ଅଣଦେଖା ହୋଇ ପନି ରହିଥିବା କିଛି ନେତା ଏବେ ଏକ ନୂତନ ଆଞ୍ଚଳିକ ରାଜନୈତିକ ଦଳ ଗଠନ ଲାଗି ପ୍ରୟାସ ଚଳାଇଛନ୍ତି। ଅତୀତରେ ଓଡ଼ିଶାରେ ଏଭଳି ଅନେକ ଆଞ୍ଚଳିକ ଦଳ ଗଠନ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହା ବିଲୁପ୍ତ ହୋଇଛି। କିଛି ଦଳ ବେଶ ପ୍ରଭାବ ବିସ୍ତାର ମଧ୍ୟ କରିଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ଏସବୁ ଦଳ ହଜି ଯାଇଛନ୍ତି। କେବଳ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ପାଖାପାଖି ତିନି ଦଶନ୍ଧି ଧରି ତିଷ୍ଠି ରହିଛି। ଏବେ ଯେଉଁ ନୂତନ ଆଞ୍ଚଳିକ ଦଳ ନେଇ କଳ୍ପନା ଜଳ୍ପନା ଚାଲିଛି ତାହା କେତେଦୂର ସଫଳ ହେବ ତାହା କୁହାଯାଇପାରିବ ନାହିଁ। କଂଗ୍ରେସରୁ ବହିଷ୍କୃତ ହୋଇଥିବା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ନୂତନ ଦଳର ପରିକଳ୍ପନା କରିଛନ୍ତି। ଏଥିନେଇ ସେ ଅନ୍ୟ କେତେକ ଦଳର ପ୍ରମୁଖ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ସହ ସେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଶ୍ରୀ ତ୍ରିପାଠୀ ପ୍ରାୟ ୧୦ ବର୍ଷ ହେବ ସକ୍ରିୟ ରାଜନୀତିରୁ ଅବସର ନେଇ ସାରିଛନ୍ତି। ବିଜୁ ବାବୁଙ୍କ ସମୟରେ ସେ ଅବିଭକ୍ତ ଜନତା ଦଳର ପୁରୀରେ ଜଣେ ପ୍ରଭାବୀ ନେତା ଥିଲେ। ବିଜେଡି-ବିଜେପି ମେଣ୍ଟ ସମୟରେ ସେ କେନ୍ଦ୍ରରେ ମନ୍ତ୍ରୀ ପଦ ପାଇଥିଲେ। ଏବେ ସେ ରାଜନୀତିରେ ପୁନଃପ୍ରବେଶ କଲେ କେତେଦୂର ସଫଳ ହେବେ ତାହା କୁହାଯାଇପାରିବ ନାହିଁ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

;ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଷ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ ! ମୁଁ କ'ଣ କରିପାରିବି ? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିଆକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଷ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ସହ-ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

# ଶବ୍ଦ ପ୍ରଦୂଷଣ ଓ ମନୁଷ୍ୟ ଉପରେ ଏହାର କୁପ୍ରଭାବ

॥ ବିଷ୍ଣୁ ପ୍ରସାଦ ଦାସ ॥

ପୃଥିବୀ ପୃଷ୍ଠ ରେ ଉତ୍ପନ୍ନ ହେଉଥିବା ଶବ୍ଦ ବାୟୁରେ ତରଙ୍ଗ ସୃଷ୍ଟି କରି କର୍ଣ୍ଣ ଗହ୍ୱରେ ପ୍ରବେଶ କରି କର୍ଣ୍ଣ ପରଦାକୁ ଛୁଇଁଲା ପରେ ଆମେ ଶବ୍ଦକୁ ଶୁଣିପାରୁ, ପ୍ରାକୃତିକ ଉପାୟରେ ତଥା କିଛି ଶ୍ରବଣ ଯନ୍ତ୍ର ଜରିଆରେ ଏହି ପ୍ରକ୍ରିୟା ଚାଲିଥାଏ । ପ୍ରକୃତି ମଣିଷ ସହିତ ସବୁ ଜୀବଜନ୍ତୁ , ସରୀସୃପ , ପଶୁ ପକ୍ଷୀ ମାନଙ୍କୁ କର୍ଣ୍ଣ ଦ୍ୱାରା ଶବ୍ଦ ଗ୍ରହଣ କରିବାର ବ୍ୟବସ୍ଥା କରିଛି ଓ । ତେବେ କଥା ହେଉଛି , ଆମ କର୍ଣ୍ଣ କେତେ ଉଚ୍ଚ ଶବ୍ଦ ଗ୍ରହଣ କରିବାକୁ ସକ୍ଷମ ? ଆଉ ଯଦି ଗ୍ରହଣ କରିବା କ୍ଷମତା ଠାରୁ ଅତ୍ୟଧିକ ଶବ୍ଦ ସୃଷ୍ଟି ହୁଏ ତେବେ ଆମର ମାନସିକ ସ୍ଥିତି କଣ ହେବ ? ଅନେକ ବିଜ୍ଞ , ଗୁଣି ବ୍ୟକ୍ତି ଏହାଉପରେ ପୁଙ୍ଖଓନୁ ପୁଙ୍ଖ ଗବେଷଣା କରିଛନ୍ତି ଅହ୍ଲୁର ମଧ୍ୟ ଚାଲିଛି । ଶବ୍ଦ ପ୍ରଦ୍ୟୁଷଣ କେବଳ ଭାରତରେ ନୁହେଁ ସାରା ପୃଥିବୀର ଏକ ଜଟିଳ ସମସ୍ୟା, ଆମ ଦେଶରେ ସରକାର ୨୪ ଏପ୍ରିଲ ୨୦୦୦ ମସିହାରେ ଶବ୍ଦ ପ୍ରଦ୍ୟୁଷଣ ନିୟମାକ ଆଇନ ପ୍ରଚଳନ କଲେ । ଦୀର୍ଘ ୨୨ ବର୍ଷ ପରେ ମଧ୍ୟ ଶବ୍ଦ ପ୍ରଦ୍ୟୁଷଣ ରୋକିବା ପାଇଁ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇନାହିଁ । ବିଭାଗୀୟ କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବ ତଥା ସରକାରଙ୍କ ଅଙ୍କୁଶ ବୋଧ ହୁଏ ଏହି ବିଭାଗ ଉପରେ କାର୍ଯ୍ୟ କରୁନାହିଁ , ନ' ହେଲେ ଖୁଲମଖୁଲା ଆମମାନଙ୍କୁ ଶବ୍ଦ ପ୍ରଦ୍ୟୁଷଣ ଜନିତ କଷ୍ଟ ସହିବାକୁ ପଡନ୍ତା ନାହିଁ ।

ଅତ୍ୟଧିକ ଶବ୍ଦ ମନୁଷ୍ୟ ତଥା ଅନ୍ୟ ପ୍ରାଣୀ ମାନଙ୍କ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହୋଇଛି । ମଧୁର ବାଦ୍ୟ ସଙ୍ଗୀତର ମୁର୍ଚ୍ଛନା ଆନନ୍ଦ ଦେଉଥିବା ବେଳେ ଉଚ୍ଚାଙ୍ଗ ସଂଗୀତ ମାନସିକ ଚାପ ବଢାଇଥାଏ । ବିଶେଷଜ୍ଞ ମାନଙ୍କ କହିବା କଥା ଅତ୍ୟଧିକ ଶବ୍ଦ ଆମର ଶରୀର ଉପରେ ଅନେକ କୁପ୍ରଭାବ ପକାଇଥାଏ ଯଥା : ଚାପଗ୍ରସ୍ତ,ହୃଦ୍‌ଘାତ,ଉଚ୍ଚରକ୍ତଚାପ,ଶ୍ରବଣଶକ୍ତି ଚାଲିଯିବା,ନିଦ୍ରାରେ ବ୍ୟାଘାତ, ବୋଧଶକ୍ତି ହରାଇବା , ବାତଲାମି, ଅତ୍ୟଧିକ ମୁଣ୍ଡବ୍ୟଥା,ତଥା ସ୍ନାୟବିକ ଦୁର୍ବଳତା ଦେଖାଦେଇଥାଏ ଓ ରୋଗୀ ଓ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଶବ୍ଦ ଗ୍ରହଣକରିବା ଖୁବ କଷ୍ଟ ଦାୟକ ତଥା ସେମାନଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥାଏ ଓ ତେବେ ଏହି ଶବ୍ଦ କେମିତି ଆଉ କେଉଁଠାରୁ ଉତ୍ପନ୍ନ ହୁଏ ଏବଂ ଆମେ ଏହାକୁ କିପରି ନିୟନ୍ତ୍ରିତ କରିପାରିବା ସେହି ବିଷୟରେ ମୋର ସୀମିତ ଜ୍ଞାନରୁ କିଞ୍ଚିତ ଆଲୋକପାତ କରିବାକୁ ଶ୍ରେୟ ମଣୁଛି ।

ଶବ୍ଦ ଏକପ୍ରକାର ଶକ୍ତି ଏହା କମ୍ପନରୁ ସୃଷ୍ଟି, ଯେତେବେଳେ କୌଣସି ଜିନିଷ ଉପରେ କମ୍ପନ ସୃଷ୍ଟି ହୁଏ ତାହା ନିକଟରେ ଥିବା ବାୟୁ କଣିକା ଉପରେ ପ୍ରଭାବ ପକାଇଥାଏ ଏବଂ କମ୍ପିତ ବାୟୁକଣିକା ତାହା ପାର୍ଶ୍ୱବର୍ତ୍ତୀ କଣିକା ଉପରେ ପ୍ରଭାବ ପକାଏ ଏମିତି ଭାବେ ଶବ୍ଦ ତରଙ୍ଗ ସୃଷ୍ଟିକରି ଚର୍ତ୍ତୁ ପାର୍ଶ୍ୱ କୁ ବ୍ୟାପି ଥାଏ , ଠିକ ଗୋଟିଏ ଜଳାଶୟ ମଝିରେ ଗୋଟିଏ ଛୋଟ ପ୍ରସ୍ତର ଖଣ୍ଡ ନିକ୍ଷେପ କଲେ ଜଳରେ ଯେପରି ତରଙ୍ଗ ସୃଷ୍ଟି ହୁଏ, ଅଦୃଶ୍ୟ ଭାବେ ଶବ୍ଦ ତରଙ୍ଗ ବାୟୁରେ କେନ୍ଦ୍ରବିନ୍ଦୁ ଠାରୁ ନିଜର ବ୍ୟାସ ବଢ଼ାଇ ଗତିକରିଥଏ । କମ୍ପନର ତୀବ୍ରତା ଅନୁସାରେ ବାୟୁକଣିକା ନିର୍ଦ୍ଦିଷ୍ଟ ଏକ ଦୂରତା ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ ଦୁର୍ବଳ ହୋଇ ଶକ୍ତିହୀନ ହୋଇଯାଏ, ଶବ୍ଦର ତୀବ୍ରତା ଆମେ ଡେସିବିଲ(dB ) ରେ ମାପ କରିଥାଉ , ସାଧାରଣତଃ ଆମ ମସ୍ତିଷ୍କ । କର୍ଣ୍ଣ ଗହ୍ୱର ୭୦ ଡେସି ବିଲ ଶବ୍ଦକୁ ସହଜରେ ଗ୍ରହଣ କରିଥାଏ । ଅତିବେଶୀରେ ଏହା ୮୫ ଡେସି ବିଲ ପର୍ଯ୍ୟନ୍ତ ସହ୍ୟ କରିପାରିବ ସେ ବି ବେଶୀ ସମୟ ନୁହେଁ ଓ ସରକାରୀ ନିୟମ ଅନୁସାରେ କେହି ୬୫ ଡେସି ବିଲ ରୁ ଅଧିକ ତୀବ୍ରତାର ଧ୍ୱନି ଉତ୍ପନ୍ନ କାରି ଯନ୍ତ୍ର ବ୍ୟବହାର କରିପାରିବେ ନାହିଁ । ଶବ୍ଦର ଉତ୍ପତ୍ତିସ୍ଥଳ : ଆମେ ଶୁଣିବା ପାଇଁ ଶବ୍ଦ ତରଙ୍ଗ ୨୦ ହର୍ଜରୁ ୨୦ ହଜାର ହର୍ଜ ଭିତରେ ରହିବା ଦରକାର, ତାହାଠାରୁ ବେଶୀ ବା କମ ହେଲେ ଆମେ ଶୁଣି ପାରିବା ନାହିଁ , ଶବ୍ଦ ଅନେକ ପ୍ରକାର ୧. ଇନ୍ଫ୍ରା ସନିକ( ୨୦ ହର୍ଜ ରୁ କମ ), ୨. ସନିକ( ୨୦ ରୁ ୨୦ ହଜାର ହର୍ଜ ମଧ୍ୟରେ ) , ୩. ଅଲଟ୍ରା ସନିକ ( ୨୦ ହଜାର ହର୍ଜ ରୁ ଅଧିକ ) ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଗୋଟିଏ ମଶା କାନପାଖ ଦେଇ ଗଲେ ୨୦ ଡେସି ବିଲ ଶବ୍ଦ କରିଥାଏ , ଆମେ ହସିଲାବେଳେ ୬୦ ରୁ ୬୫ ଡେସି ବିଲ , ସାଧାରଣ କଥା ହେଲେ ୪୦ ରୁ ୫୦ ଡେସି ବିଲ , ଭ୍ୟାକୁମ କ୍ଲିନର ଚଳାଇଲେ ୭୦ ଡେସି ବିଲ , ଟ୍ରକ, ବସ, ଟ୍ରାକ୍ଟର ୮୪ ଡେସି ବିଲ , କାର, ଜିପ ଇତ୍ୟାଦି ୭୦ ରୁ ୭୫ ଡେସି ବିଲ , ଗାଡ଼ିରେ ଲାଗିଥିବା ହର୍ଣ୍ଣ ୧୦୦ ଡେସି ବିଲ, ଉଡ଼ାଜାହାଜ ୧୦୦ ରୁ ୧୩୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରୁଥିବା ବେଳେ ଷ୍ଟେରିଓ ସାଉଣ୍ଡ ସିଷ୍ଟମ ୧୩୦ ଡେସି ବିଲ ରୁ ବି ଅଧିକ ଶବ୍ଦ ଉତ୍ପନ୍ନ କରେ ଏଥିରେ ଡ଼ିଃଯେ , ମାଇକ । ଅନ୍ୟାନ୍ୟ ସରଞ୍ଜାମ ବି ସାମିଲ ଓ ରେଳ ଗାଡି ୮୦ ରୁ ୧୦୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରେ।

ଜ୍ଞାନୀ, ଗୁଣି, ବିଜ୍ଞ ବ୍ୟକ୍ତି ମାନେ କାହିଁକି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି ? ଅନ୍ୟାୟକୁ ଆଉ କେତେ ଦିନ ସହିବା ? ଆଜିକାଲି ଲଗାମଛଡ଼ା ଡ଼ିଃ ଯେ , ମାଇକ ଆଉ ଜାଣିଶୁଣି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଶବ୍ଦ ପ୍ରଦ୍ୟୁଷଣ ହେଉଛି ଏହାର କ'ଣ କିଛି ପ୍ରତିକାର ନାହିଁ ? ? ବିଭିନ୍ନ ଅନୁଷ୍ଠାନ ପାଇଁ ବା ରାସ୍ତାରେ ବାଜା ବଜାଇ ଶୋଭାଯାତ୍ରାରେ ଯିବା ପାଇଁ ସରକାରୀ ନିୟମ ଅନୁସାରେ ଥାନାରୁ ଅନୁମତି ମିଳେ, ସବୁ ସର୍ତ୍ତକୁ ମାନିନେଇ ଦରଖାସ୍ତ କାରି ଦସ୍ତଖତ ଦିଅନ୍ତି କିନ୍ତୁ କୁକୁର ଲାଙ୍ଗୁଡ଼ ଯେଉଁ ବଙ୍କା କୁ ସେଇ ବଙ୍କା କେହି ମାନନ୍ତି ନାହିଁ ୬୫ ଡେସି ବିଲ କୁ ବଢ଼ାଇ ୧୩୦ ଡେସି ବିଲ କରିଦିଆ ଯାଏ , ନାଳିପାଣି ହେଉ କି ଅନ୍ୟ ଜୋଶରେ ହେଉ ଅନ୍ୟର ସୁବିଧା ଅସୁବିଧା ଦେଖିବାକୁ ବେଳ ନଥାଏ ,ଉଚ୍ଚାଙ୍ଗ ସଙ୍ଗୀତର ତାଳେ ତାଳେ ଗୋଡ଼ ଖାଲି ଉଠୁ ଥାଏ କି ପଡୁଥାଏ , ଡ଼ି;ଯେ ।ଲା ବି ଖୁଶ କାରଣ ଏହା ତାଙ୍କ ପାଇଁ ଏକ ବିଜ୍ଞାପନ ସଦୃଶ ଓ କାନଫଟା ଚିତ୍କାର କ'ଣ ବନ୍ଦ କରି ଶ୍ରୁତିମଧୁର ବାଦ୍ୟ/ସଙ୍ଗୀତ ଶବ୍ଦରେ ଯାଇ ହେବ ନାହିଁ ? ଆଜିକାଲି ସବୁ ଧର୍ମାନୁଷ୍ଠାନରେ ମାଇକ ର ପ୍ରଚଳନ ବହୁଳ ଭାବେ ଦେଖିବାକୁ ମିଳେ, କୌଣସି ଧର୍ମ୍ମ ଖରାପ ନୁହେଁ କି କାହାକୁ ଛୋଟ ଭାବିବା ଉଚିତ ନୁହେଁ, ସବୁ ଧର୍ମମକୁ ମୁଁ ସମ୍ମାନଦିଏ , କିନ୍ତୁ ଭାଇ ! ଟିକେ ହୃଦୟରୁ ଚିନ୍ତା କରନ୍ତୁ ତ' କାହାରି ଇଚ୍ଛା ବିରୁଦ୍ଧରେ କାହାରି ଉପରେ କଣ ଧର୍ମ୍ମ ବା ଧର୍ମ୍ମର ବାଣୀକୁ ମାଇକ ଦ୍ୱାରା ବଳପୂର୍ବକ ଲଦିଦେବା ଠିକ ହେଉଛି କି ? ସମସ୍ତେ କିଛି ନା' କିଛି କାର୍ଯ୍ୟରେ ବ୍ୟସ୍ତ ଆପଣମାନଙ୍କ ସୁବିଧା ପାଇଁ ଆପଣ କାହିଁକି ଅନ୍ୟକୁ କଷ୍ଟ ଦେବେ ? ଘରେ ଯଦି ହନୁମାନ ଚାଳିଶା କରିବାକୁ ଡାକିବେ ତେବେ ଯେଉଁ ଗାୟକ ମାନେ ଆସିବେ ସେମାନେ ନିଶ୍ଚିତ ଭାବେ ମାଇକ ଆଣି ଅତିଉଚ୍ଚ ଶବ୍ଦ କରି ବଜାଇବେ ଯଦି ଆପଣ କହିଲେ ତେବେ ତାଙ୍କର କ୍ଷୋଭ, ପୂଜା ଆପଣଙ୍କ ଘରେ ହେଉଛି ହେଉ କିଏ ମନା କରୁଛିକି ? ତେବେ ଆପଣଙ୍କର କୌଣସି ଅଧିକାର ନାହିଁ ଯେ, ଆପଣ ଅନ୍ୟର ଶାନ୍ତି ଭଙ୍ଗ କରିବେ । ସ୍କୁଲରେ ଛୋଟ ଛୋଟ କୋମଳମତି ପିଲାଙ୍କୁ ପ୍ରାର୍ଥନା ନାମରେ ଅତି ଉଚ୍ଚ ସ୍ୱରରେ ଗାଇବାକୁ 'ମିସ' ମାନଙ୍କର ନିର୍ଦ୍ଦେଶ କାରଣ ସ୍କୁଲର ଏହା ଏକ ପ୍ରକାର ବିଜ୍ଞାପନ ତେଣିକି ପିଲାର ସ୍ୱର ଯନ୍ତ୍ର ଖରାପ ହୋଇଯାଉ ତାଙ୍କର କ'ଣ ଅଛି ? ପିଲାର ବାପା , ମା ' ସେକଥା ବୁଝିବେ ଓ ହିନ୍ଦୁ ହେଉ ବା ଅନ୍ୟ ଧର୍ମ୍ମ ହେଉ ପ୍ରାର୍ଥନା କ'ଣ ଉଚ୍ଚାଙ୍ଗ ସ୍ୱରରେ କରାଯାଏ ନା' ନୀରବରେ କରାଯାଏ ? ପ୍ରାର୍ଥନାର ମାନେ ଆଉ ସଂଜ୍ଞା ଜାଣିବା ପାଇଁ ନିଜେ ନିଜକୁ ସଜାଡ଼ିବା ଜରୁରୀୟ ହଁ ! କହିବ କିଏ ? ଆଉ ଶୁଣିବ କିଏ ? ବେଶୀ କହିଲେ କହିବେ ' ଆରେ ଏଇଟା ଗୋଠ ଖଣ୍ଡିଆ ଟାଏ, କାହାରି ଭଲ ଦେଖି ପାରୁନାହିଁ ' ତେଣୁ କଥା ରେ ଅଛି ଯେ ପକ୍ଷୀ ଉଡେ ଯେତେ ଦୂର ସେ ଜାଣେ ତାହାର ବ୍ୟବହାର ଓ କାହାରି ମନରେ ଦୁଃଖ ଦେବାର ଅଭିପ୍ରାୟ ମୋର ନାହିଁ କେବଳ ସଚେତନତା ଉଦ୍ଦେଶ୍ୟରେ ଲେଖୁଛି । ଭାଇ ! ଜୀବନରେ କେବେ ସୁଯୋଗ ଯଦି ଆସେ ତେବେ କୌଣସି ବୌଦ୍ଧ ପୀଠ, ବେଲୁର ମଠ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରାର୍ଥନା ସ୍ଥଳୀ, ଆଉ ବିଦେଶରେ ଟିକେ ଥାଇଲାଣ୍ଡ ବା ଶ୍ୟାମ ଦେଶ ବୁଲି ଆସନ୍ତୁ , ବ୍ୟାଙ୍କକ ସହର ଠିକ ମୁମ୍ବାଇ , ଦିଲ୍ଲୀ ପରି ସହର ଏଠି ଲକ୍ଷ , ଲକ୍ଷ ଗାଡି ମୋଟର ରାସ୍ତାରେ ଯା, ଆସ କରୁଥାଏ, କିନ୍ତୁ ସବୁ ନୀରବରେ, କାହାରିକୁ ହର୍ଣ୍ଣ ବଜାଇବାର ଅନୁମତି ନାହିଁ , ସ୍କୁଲ କଲେଜ ସବୁ ନିରବରେ ଚାଲେ , ଠିକ ସେଇ ପରି ଭୁଟାନ ଯାଇ ଦେଖିବା କଥା ସେଠି ବି ସେହିପରି ନୀରବତା ଆଉ ଶାନ୍ତି , ଶବ୍ଦ ପ୍ରଦ୍ୟୁଷଣ ମାତ୍ରା ଶୂନ୍ୟ , କେହି ଗାଡ଼ିରେ ହର୍ଣ୍ଣ ବଜାଇ ପାରିବେ ନାହିଁ, ସର୍ବସାଧାରଣ ସ୍ଥାନରେ ମାଇକ ତ' ଦୂରର କଥା ଉଚ୍ଚ ସ୍ୱରରେ ଟେଲିଭିଜନ କି ରେଡ଼ିଓ ବଜାଇ ପାରିବେ ନାହିଁ ଓ ଆପଣ ମାନେ ଜାଣି ପାରୁନାହାନ୍ତି ପ୍ରତିଦିନ ଶବ୍ଦପ୍ରଦ୍ୟୁଷଣ ଆମ ଜୀବନର ଆୟୁଷ ୧୫ ମିନିଟ କମାଇଦେଉଛି ବୋଲି ପଢିଥିଲି । ଯେତେବେଳେ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, ଟଙ୍କା ଦେଇ ତା'ଙ୍କ ପରାମର୍ଶରେ ହଜାର ହଜାର ଟଙ୍କାର ଔଷଧ ଖାଉଛନ୍ତି ସେତେବେଳେ ଆପଣଙ୍କ କଷ୍ଟ କିଏ ନେଉଛି ? ? ତେଣୁ ନିଜେ ବେଳହୁଁ ସତର୍କ ହେବା ଉଚିତ , ଯେତେ ପାରିବେ ଶବ୍ଦ ପ୍ରଦ୍ୟୁଷଣରୁ ନିଜକୁ ମୁକ୍ତ ରଖନ୍ତୁ ।

ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଆଶ୍ରିତ ମାନଙ୍କୁ ସଦାସର୍ବଦା ସୁରକ୍ଷା ଓ କୃପାବର୍ଷଣ କରୁଛନ୍ତି। ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ସତ୍‌ସଙ୍ଗୀ ମାନଙ୍କ ହୃଦୟରେ ପରୋପକାରର ଆବଶ୍ୟକତା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରି ବିରାଜିତ। ଏହି ସ୍ତରରେ ପହଞ୍ଚିଲା ପରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରିତଙ୍କ ଧୈର୍ଯ୍ୟଶକ୍ତି ବୃଦ୍ଧି ପାଇଥାଏ ଓ ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ଈଶ୍ୱରଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥାଏ। ଏହି ଅବସରରେ ଭକ୍ତ ପ୍ରହ୍ଲାଦଙ୍କ କାହାଣୀ ଉଲ୍ଲେଖଯୋଗ୍ୟ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ଦୟାଳ ପ୍ରଭୁଙ୍କୁ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ପ୍ରେମମୟଙ୍କ ଅତ୍ୟନ୍ତ ପ୍ରିୟ। ସେହିପରି ଆଉ ଜଣେ ଆଦର୍ଶଯୁକ୍ତ ଭକ୍ତ ଥିଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା।

ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାଙ୍କୁ ଇଷ୍ଟାନୁରାଗ ଗ୍ରନ୍ଥ ଓ ପୁସ୍ତିକା ଜୀବନ୍ତ ଚେତନାକୁ ଜାଗ୍ରତ କରିଥାଏ। ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟତର ହେବାକୁ ଚେଷ୍ଟା କରନ୍ତୁ ଏହା ଆମର ଧ୍ୟେୟ ହେଉ।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ମାଲକାନଗିରିରୁ ଉଡ଼ିବ ୧୨୦ ସିଟ୍ ବିଶିଷ୍ଟ ଡବଲ୍ ଇଞ୍ଜିନ୍ ବିମାନ; ରନ୍‌ୱେ ସମ୍ପ୍ରସାରଣ ପାଇଁ ଅତିରିକ୍ତ ୫୧ କୋଟି ଟଙ୍କା ବ୍ୟୟ




ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାର ବିମାନ ସେବା କ୍ଷେତ୍ରରେ ଆସିବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ବର୍ତ୍ତମାନ ମାଲକାନଗିରି ବିମାନବନ୍ଦରରୁ ୧୨୦ ସିଟ୍ ବିଶିଷ୍ଟ ଡବଲ୍ ଇଞ୍ଜିନ୍ ବିମାନ ଚଳାଚଳ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏହାକୁ ସାକାର କରିବା ପାଇଁ ବିମାନବନ୍ଦରର ରନ୍‌ୱେ ସମ୍ପ୍ରସାରଣ କରାଯିବ। ଏହି କାର୍ଯ୍ୟ ପାଇଁ ପ୍ରାୟ ୫୧ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯିବାକୁ ପ୍ରସ୍ତାବ ରହିଛି। ସୂଚନାନୁସାରେ, ରନ୍‌ୱେ ସମ୍ପ୍ରସାରଣର ଡିଜାଇନ୍ ପ୍ରସ୍ତୁତ ହୋଇସାରିଛି ଏବଂ ସରକାରଙ୍କ ଅନୁମୋଦନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଠାଯାଇଛି। ଅନୁମୋଦନ ମିଳିବା ପରେ କାମ ଆରମ୍ଭ ହେବ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ରନ୍‌ୱେର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଏହି ପ୍ରକଳ୍ପ ସଫଳ ହେଲେ ମାଲକାନଗିରିରୁ ସିଧାସଳଖ ବଡ଼ ଆକାରର ଡବଲ୍ ଇଞ୍ଜିନ୍ ବିମାନ ଚଳାଚଳ ସମ୍ଭବ ହେବ। ଏହା ଫଳରେ ଜିଲ୍ଲାର ଯୋଗାଯୋଗ ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଆସିବା ସହ ବ୍ୟବସାୟ, ପର୍ଯ୍ୟଟନ, ଶିଳ୍ପ ଏବଂ ଜରୁରୀକାଳୀନ ସେବା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ। ଦୀର୍ଘଦିନ ଧରି ଆକାଶପଥରେ ଉନ୍ନତ ସଂଯୋଗର ଅପେକ୍ଷା କରୁଥିବା ମାଲକାନଗିରିବାସୀଙ୍କ ପାଇଁ ଏହି ଖବର ଆଶା ଓ ଆନନ୍ଦର ବାର୍ତ୍ତା ଆଣିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାର ବିକାଶରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଧାରଣ ଲୋକେ ଆଶା ପ୍ରକାଶ କରିଛନ୍ତି।

## ନେତାଜୀ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଭୁତମୁଣ୍ଡାଇ ଠାରେ ୮ ଶହ ରୁ ଉର୍ଦ୍ଧ ଚାରା ରୋପଣ



ପାରାଦୀପ, (ମହାଭାରତ) : ପରିବେଶ ସନ୍ତୁଳନ ଓ ସୁରକ୍ଷା ଏବଂ ସବୁଜ ଗ୍ରାମ ଗଠନ ଉଦ୍ଦେଶ୍ୟରେ ନେତାଜୀ ସ୍ପୋର୍ଟ୍ସ କ୍ଲବ, ଭୁତମୁଣ୍ଡାଇ ପକ୍ଷରୁ ରବିବାର ଦିନ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଯୁବ ସଦସ୍ୟମାନେ ଗାଁର ବିଦ୍ୟାଳୟ ପରିସର, ଗ୍ରାମ୍ୟ ରାସ୍ତା ଦୁଇ ପାର୍ଶ୍ୱ ଏବଂ ସାର୍ବଜନୀନ ସ୍ଥାନରେ ମୋଟ ୮ ଶହ ରୁ ୧ ହଜାର ପର୍ଯ୍ୟନ୍ତ ବୃକ୍ଷ ଚାରା ରୋପଣ କରିଥିଲେ। ନିମ୍ବ, ବରଗଛ, ଅଶ୍ୱତ୍ଥ, କୃଷ୍ଣଚୂଡ଼ା ପ୍ରଭୃତି ବିଭିନ୍ନ ପ୍ରଜାତିର ଚାରା ଏଥିରେ ସ୍ଥାନ ପାଇଥିଲା। ଖେଳ ସହିତ ସମାଜ ସେବା ଆମର ମୂଳ ମନ୍ତ୍ର। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଗଛ ଲଗାଇବା ସମୟର ଆବଶ୍ୟକତା। ଆମେ ପ୍ରତି ବର୍ଷ ଏହି ଅଭିଯାନ ଜାରି ରଖିବୁ । ରୋପଣ କରାଯାଇଥିବା ସମସ୍ତ ଚାରାର ଯତ୍ନ କ୍ଲବ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ନିଆଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱନାଥ ବେହେରା(ପପୁ), ସୁନୀଲ କୁମାର ରାଣା, ସୁବ୍ରଜିତ ସ୍ୱାଇଁ, ସୁବ୍ରତ ମହାନ୍ତି, ସୁଶାନ୍ତ ଖଟେଇ, ପ୍ରକାଶ ସ୍ୱାଇଁ, ବିବେକ ସେଠୀ, ବାଦଲ ସ୍ୱାଇଁ, ମନୋରଞ୍ଜନ ବେହେରା, ଚିକୁନ ସେଠୀ, ରଜତ ସାମଲ, ମାନସ ଚୌଧୁରୀ, ସୁଶାନ୍ତ ସ୍ୱାଇଁ, ପ୍ରକାଶ ସାହୁ, ତୋଫାନ ପ୍ରଧାନ ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ। 'ଗୋଟିଏ ଗଛ ଗୋଟିଏ ଜୀବନ' ନାରା ସହିତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ଶ୍ରୀ ଶ୍ରୀ ଦଧିବାମନ ଜିଉ ଉଚ୍ଚ ବିଦ୍ୟାଳୟର ୨୩ ତମ ପ୍ରତିଷ୍ଠା ଉତ୍ସବ

ଗଣିଆ, (ମହାଭାରତ): ସ୍ଥାନୀୟ ଶ୍ରୀ ଶ୍ରୀ ଦଧିବାମନ ଜିଉ ଉଚ୍ଚ ବିଦ୍ୟାଳୟ, ବେଲପଡ଼ା ପାଟଣାର ୨୩ ତମ ପ୍ରତିଷ୍ଠା ଉତ୍ସବ ଆଜି ସୋମବାର ଦିନ ସ୍କୁଲ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟକୁ ଆସିଥିବା ନବାଗତ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କାନ୍ତ କିଶୋର ରାଉତ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନନ୍ଦ କିଶୋର ମହାରଣା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ଓ ଅଭିଭାବକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଅସହାୟ ପରିବାର ଓ ୪ ଶିଶୁଙ୍କୁ ଉଦ୍ଧାର କଲା ପାରାଦୀପ ପୌରପାଳିକା

ପାରାଦୀପ, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ର ସୁନୀଲ ପୂର୍ତ୍ତି ୧୫ ବର୍ଷ ବୟସରୁ ପାରାଦୀପ କୁ କର୍ମ ଅନ୍ୱେଷଣ ଆସି ଏଠାରେ ପ୍ରଥମେ ଶ୍ରମିକ ଏବଂ ପରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ନିଜ ପତ୍ନୀ ଓ ଦୁଇ ଛୋଟ ପୁଅ ଓ ଝିଅ ଙ୍କୁ ଧରି ରାସ୍ତା କଡରେ ଏକ ଚାଳ ଘର କରି ସପରିବାରେ



ରହୁଥିଲେ ସୁନୀଲ । ତେବେ କାଳକ୍ରମେ ସୁନୀଲ ଦଣ୍ଡିସ ରୋଗରେ ଆକ୍ରାନ୍ତ ହେବା ଏବଂ ସ୍ତ୍ରୀ ଘର ଛାଡି ପଳାଇବା ପରେ ଚାରି ଛୁଆଙ୍କ ଉପରେ ସେ ପଡ଼ିଥିଲେ ନିର୍ଭରଶୀଳ ହୋଇପଡ଼ିଥିଲେ । ପ୍ରତିଦିନ ରାସ୍ତା କଡରେ ଯାଉଥିବା ଆଇରନ ଟ୍ରକକୁ ହାତ ପତେଇ ଚାରି ଛୁଆ ଭିକ ମାଗି ଆଣୁଥିଲେ ଏବଂ ସୁନୀଲ ଙ୍କୁ କଷ୍ଟରେ ପୋଷୁଥିଲେ । ତେବେ ଖବର ପାଇ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ତତ୍ତ୍ୱାବଧାନରେ ପୌର ପ୍ରଶାସନ ସେମାନଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ଅଠରବାଙ୍କୀ ମେଡିକାଲରେ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିଥିଲେ । ଏହାପରେ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ସହଯୋଗରେ ୪ ଶିଶୁ ଙ୍କୁ କେନ୍ଦ୍ରାପଡା ଲୁଥରାନ ସେବା ପ୍ରତିଷ୍ଠାନରେ ଅବସ୍ଥାପିତ ଏବଂ ସେଠାରେ ତାଙ୍କର ରହିବା ସହ ପରିବାରର ଆଧାର କାର୍ଡ କରାଯିବ ଓ ପିଲାମାନଙ୍କୁ ସେଠାରେ ପାଠ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ । ତେବେ ପୌରପାଳିକା ଓ ପୌରାଧ୍ୟକ୍ଷ ଙ୍କ ଏପରି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ନୟାଗଡ଼ ଜିଲ୍ଲାର 'ପରମ୍ପରା' ଅନୁଷ୍ଠାନକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ




ପାରାଦୀପ, (ମହାଭାରତ) : ନୟାଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ସଙ୍ଗଠନ 'ପରମ୍ପରା'ର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ମାନଙ୍କର ପାରାଦ୍ୱୀପ ବନ୍ଦର ପରିଭ୍ରମଣ ଅବସରରେ ପାରାଦ୍ୱୀପଗଡର ସାହିତ୍ୟ ଅନୁଷ୍ଠାନ 'ଟିକି ଟିକି ତାରା' ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜୁଲାଇ ୧୨ ତାରିଖ ରବିବାର ଦିନ ପୂର୍ବାହ୍ନରେ ପ୍ରସିଦ୍ଧ ମାଳିକା କ୍ଷେତ୍ର ଉଦୟବଟ ଧାମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ। ମୁଖ୍ୟ ବକ୍ତା ଭାବରେ ପରମ୍ପରାର ସଭାପତି ଡକ୍ଟର ସୁକାନ୍ତି ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ନିର୍ମଳ ଚନ୍ଦ୍ର ସୁରଜୟ, ସାମ୍ବାଦିକ ଚିତ୍ତ ସ୍ୱାଇଁ, ଉଦୟବଟ ଧାମ ପରିଚାଳନା ଟ୍ରଷ୍ଟ ସଭାପତି ମିହିର ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟିକି ଟିକି ତାରା ସଭାପତି ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦିକା ଶ୍ରୀମତୀ ମିନର୍ଭା ସ୍ୱାଇଁ । ଏହି ସଭାରେ ଡକ୍ଟର ସୁକାନ୍ତି ମହାନ୍ତି ,ନିର୍ମଳ ଚନ୍ଦ୍ର ସୁରଜୟ , ଏବଂ ପରମ୍ପରା ଅନୁଷ୍ଠାନକୁ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ, କବି ସୌଭାଗ୍ୟ ମଞ୍ଜରୀ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର,ରବୀନ୍ଦ୍ର କୁମାର ମହାପାତ୍ର, ରବି ନାରାୟଣ ପାତ୍ର, ପ୍ରତାପ କୁମାର ସାହୁ, ନିଳିମା ନନ୍ଦ, ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ପ୍ରମିତା ରାଣୀ ଜେନା, ସ୍ନିଗ୍ଧା ରାଣୀ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଉର୍ମିଳା ମହାନ୍ତି, ଗୋଲାପ ରାଣୀ ସାହୁ, ପ୍ରେମଲତା ବାରିକ, ଉର୍ମିଳା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ରାଉତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅକ୍ଷୟ କୁମାର ଦାସ। ଏଭଳି କାର୍ଯ୍ୟକ୍ରମ ସମ୍ପର୍କର ସେତୁ ନିର୍ମାଣ କରିବ ବୋଲି ମୁଖ୍ୟ ଅତିଥି ବସନ୍ତ ବିଶ୍ୱାଳ ଉଲ୍ଲେଖ କରିବା ସହ ଏପରି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ।

## ଭିନ୍ନକ୍ଷମ ପ୍ରମାଣପତ୍ର ଥିଲେ ମଧ୍ୟ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ: ବାସଗୃହ ଓ ଭତ୍ତା ପାଇଁ ସୁକଲଙ୍କ ଆକୁଳ ନିବେଦନ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତୁରୁଡିହୀ ପଞ୍ଚାୟତର ହନ୍ଦାପାରା ଗ୍ରାମର ଭିନ୍ନକ୍ଷମ ମହିଳା ସୁକଲ ହରିଜନ ବୈଧ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ସତ୍ତ୍ୱେ ବିଭିନ୍ନ ସରକାରୀ ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ସୁକଲ ହରିଜନଙ୍କକହିବାନୁସାରେ, ସେ ୨୦୧୩ ମସିହାରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ। ତେବେ ଏପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା, ବାସଗୃହ ଯୋଜନା ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ପାଇପାରି ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ବର୍ତ୍ତମାନ ସେ କେବଳ ସରକାରଙ୍କ ପକ୍ଷରୁ ମିଳୁଥିବା ୫ କେଜି ମାଗଣା ଚାଉଳ ପାଉଛନ୍ତି।ଅଭିଯୋଗ ଅନୁଯାୟୀ, ସୁକଲ ହରିଜନ ଓ



ତାଙ୍କ ସ୍ୱାମୀ ଜରିପାଳ ତଳେ ଜୀବନ ବିତାଉଛନ୍ତି। ପରିବାରରେ କେବଳ ସ୍ୱାମୀ-ସ୍ତ୍ରୀ ଦୁଇଜଣ ରହୁଥିବା ବେଳେ, ସ୍ୱାମୀ ଦିନମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି।ଦୀର୍ଘଦିନ ଧରି ଆର୍ଥିକ ଅନଟନ ମଧ୍ୟରେ ଜୀବନ ବିତାଉଥିଲେ ମଧ୍ୟ, ଯୋଗ୍ୟ ହୋଇଥିବା ସତ୍ତ୍ୱେ ସରକାରୀ ଯୋଜନାର ସୁବିଧା ମିଳୁନଥିବା ବୋଲି ସେ ଦାବି କରିଛନ୍ତି।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସୁକଲ ହରିଜନଙ୍କ ପାଖରେ ବୈଧ ଭିନ୍ନକ୍ଷମ ପ୍ରମାଣପତ୍ର ଥିଲେ ମଧ୍ୟ ସେ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ଫଳରେ ତାଙ୍କ ଜୀବନଯାପନରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥିବା କଥା ସ୍ଥାନୀୟମାନେ କହିଛନ୍ତି।ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶାସନକୁ ଘଟଣାର ଯାଞ୍ଚ କରି ସୁକଲ ହରିଜନଙ୍କୁ ଯୋଗ୍ୟତା ଅନୁଯାୟୀ ଭିନ୍ନକ୍ଷମ ଭତ୍ତା, ଆବାସ ଯୋଜନାର ସୁବିଧା ଓ ଅନ୍ୟାନ୍ୟ ସରକାରୀ ସହାୟତା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଛନ୍ତି।

## କେଲ୍ଲାର ଉନ୍ନତି ଆଶ୍ରମ ବିଦ୍ୟାଳୟରେ ଏସ୍ଏମ୍ସି କମିଟି ଗଠିତ; ଚେୟାରମ୍ୟାନ୍ ହେଲେ ପ୍ରଶାନ୍ତ ଖୋସ୍ଲା

ଲକ୍ଷ୍ମୀପୁର, (ମହାଭାରତ), ୧୩/୦୭: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ବିଦ୍ୟାଳୟ ଗୁଡ଼ିକରେ ନୂତନ ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି (ଏସ୍ଏମ୍ସି) ଗଠନ ପ୍ରକ୍ରିୟା ଚାଲିଥିବା ବେଳେ ସୋମବାର କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କେଲ୍ଲାର ଉନ୍ନତି ଆଶ୍ରମ ବିଦ୍ୟାଳୟରେ ଏସ୍ଏମ୍ସି କମିଟି ଗଠନ ପାଇଁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଆର୍ସିସି ଶ୍ରୀ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍ଏମ୍ସିର ଗୁରୁତ୍ୱ ଏବଂ ବିଦ୍ୟାଳୟର ବିକାଶରେ ଏହାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ, ପୂର୍ବତନ ଏସ୍ଏମ୍ସି ସଦସ୍ୟ-ସଦସ୍ୟା ଓ ଅଭିଭାବକ ମାନଙ୍କ ଉପସ୍ଥିତିରେ ୧୫ ଜଣିଆ ଏସ୍ଏମ୍ସି କମିଟି ଗଠନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା।

## ବାହାର ଜିଲ୍ଲାର ଚାରି କାଠମାଫିଆ ଗିରଫ, କାଠ ସହ ଜେସିବି, ବୋଲେରୋ ଗାଡି,ମଟର ସାଇକେଲ, ଆଇଚର୍ ଗାଡି ଜବତ

କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ବଢିବାରେ ଲାଗିଛି କାଠମାଫିଆଙ୍କ ପ୍ରଦୃଭାବ ।ଗତକାଲି ବାହାର ଜିଲ୍ଲା ନୟାଗଡ ର କିଛି କାଠମାଫିଆ ବାଲିଗୁଡା ବନଖଣ୍ଡ ଦାରିଙ୍ଗବାଡି ବନବିଭାଗ ରେଞ୍ଜ ଅନ୍ତର୍ଗତ କୁର୍ତ୍ତମଗଡ ରିଜର୍ଭ ଫରେଷ୍ଟ ବୁଡାଗୁଡା ସେକ୍ସନ୍ ପକାରୀ ଜଗଂଲରୁ ବିରାଟକାୟ ଶାଳ ଗଛ ଗଣ୍ଡି ବାହାରକୁ ଚାଲଣ ହେଉଥିବା ବେଳେ ଖବର ପାଇ ବନବିଭାଗର ଏକ ସତନ୍ତ୍ର ପେଟ୍ରୋଲିଂ ଟିମ କାଠମାଫିଆଙ୍କୁ ମାଡି ବସିଥିଲେ ।ଏହି ପେଟ୍ରୋଲିଂ ଟିମରେ ବାଲିଗୁଡା, ଦାରିଙ୍ଗବାଡ଼ି, କନୂଆଗାଁ, ତୁମୁଡ଼ିବନ୍ଧ ରେଞ୍ଜକୁ ନେଇ ମିଳିତ ଟିମ ଗଠନରେ ରାତ୍ର ୧୧.୧୦ ଘଣ୍ଟ ସମୟରେ ଚଢାଉ କରି ଧରିଥିଲେ କାଠମାଫିଆ ମାନଙ୍କୁ ।ଏହି ଘଟଣାରେ ସଂପୃକ୍ତ ଚାରିଜଣ କାଠମାଫିଆ ସମେତ ବ୍ୟବହୃତ ଗୋଟାଏ କାଠ ବୋଝେଇ ଆଇଚର୍ ଗାଡି,ଦୁଇଟି ମଟର ସାଇକେଲ,ଗୋଟିଏ ବୋଲେରୋ ଗାଡି ,ଗୋଟାଏ ଜେସିବି ଜବତ,ଚାରୋଟି ମୋବାଇଲ ଫୋନ ଜବତ ହୋଇଛି ।ଏହି କାଠମାଫିଆ ମାନେ ସ୍ଥାନୀୟ ପକାରୀ ଓ କୋଟଗଡ ଅଞ୍ଚଳର କିଛି କାଠମାଫିଆ ଚାଲଣକାରୀଙ୍କ ସହ ମିଶି ଏହି ଅଞ୍ଚଳରୁ ଜଗଂଲର ମୂଲ୍ୟବାନ କାଠ ବାହାର ଜିଲ୍ଲାକୁ ଚାଲଣ କରାଇ ଲକ୍ଷ,ଲକ୍ଷ ଟଙ୍କା ରୋଜଗାର କରୁଥିବା ଜଣାପଡିଛି ।ବହୁ ବର୍ଷ ଧରି ଏହି ବନାଅଞ୍ଚଳରୁ ମୂଲ୍ୟବାନ କାଠ ମାଫିଆମାନେ ହରିଲୁଟ କରିଥିବା ବିଶେଷ ସୂତ୍ରରୁ ଖବର ମିଳିଛି ।ଏହି ଚାରିଜଣ କାଠ ମାଫିଆ ହେଲେ (୧) ନୟାଗଡ଼ ଜିଲ୍ଲା ,କରଡାଶାସନ ର ଅରକ୍ଷିତ ପରିଡ଼ା (୨)ହରିହର ପୁର ଗାଁ ର ରଞ୍ଜିତ କୁମାର ସ୍ୱାଇଁ, ନୟାଗଡ (୩)ଅଶୋକ କୁମାର ବଡସେଟ୍,ପାରିଗଡ, ଗୁଟୁମିଳା, ଜିଲ୍ଲା କନ୍ଧମାଳ (୪)କବିଚନ୍ଦ୍ର ବଡମାଝୀ, ସରକିଗଂଆ, କୋଟଗଡ, ଜିଲ୍ଲା କନ୍ଧମାଳ ବୋଲି ଜଣାପଡ଼ିଛି ।ଚାରିଜଣ କାଠମାଫିଆଙ୍କ ନାମରେ ଜଗଂଲରୁ କାଠ ଚାଲଣ ଆକ୍ଟ କେସ୍ ନମ୍ବର -୩୫/୨୦୨୬-୨୭ ଦାରିଗଂବାଡୀ ରେଞ୍ଜ -ଇଉ/ଏସ୍-୨୭(୨)ବି ଓଡିଶା ଫରେଷ୍ଟ ଆକ୍ଟ ୧୯୭୨,ଇଉ/ଆର-୪,୧୨,୧୪,୨୧ କାଠ ଚାଲଣ ୧୯୮୦ ଦଫାରେ କେସ୍ ରୁଜୁ ହୋଇଥିବା ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

## ପାଚେରୀ ଜରାଜୀର୍ଣ୍ଣ ଓ ବିପଦସଂକୁଳ ଅବସ୍ଥାରେ ଥିବା ବେଳେ ଅନ୍ୟପଟେ ପାନୀୟ ଜଳର ଅଭାବ




ରାଇଘର, (ମହାଭାରତ) : ରାଇଘର ବ୍ଲକ ଅନ୍ତର୍ଗତ ହଳଦୀ ପଞ୍ଚାୟତର ଭାଟିପଖନା ଅଙ୍ଗନୱାଡି କେନ୍ଦ୍ରରେ ଦୁଇଟି ଗୁରୁତର ସମସ୍ୟା ଏବେ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟେ କେନ୍ଦ୍ରର ପାଚେରୀ ଜରାଜୀର୍ଣ୍ଣ ଓ ବିପଦସଂକୁଳ ଅବସ୍ଥାରେ ଥିବାବେଳେ, ଅନ୍ୟପଟେ ପାନୀୟ ଜଳର ଅଭାବ ଯୋଗୁଁ କୁନିକୁନି ଶିଶୁମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଅଙ୍ଗନୱାଡି କେନ୍ଦ୍ରର ପାଚେରୀରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ଯେକୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏହାସହ କେନ୍ଦ୍ରରେ ଏପର୍ଯ୍ୟନ୍ତ ଗେଟ୍ ଲାଗିନଥିବାରୁ ପରିସର ଖୋଲାମେଲା ଅବସ୍ଥାରେ ରହିଛି। କେନ୍ଦ୍ରଟି ଜଙ୍ଗଲ ନିକଟରେ ଥିବାରୁ ବୁଲା କୁକୁର, ଗାଈଗୋରୁ, ସରୀସୃପ ଏବଂ ବନ୍ୟପ୍ରାଣୀ ପରିସରକୁ ପ୍ରବେଶ କରିବାର ଆଶଙ୍କା ରହିଥିବାରୁ ଶିଶୁମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି ଅନ୍ୟପକ୍ଷରେ, କେନ୍ଦ୍ରରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଶିଶୁମାନଙ୍କ ପାନୀୟ ଜଳ, ପରିଷ୍କାର-ପରିଚ୍ଛନ୍ନତା ଏବଂ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ପ୍ରତିଦିନ ଏହି କେନ୍ଦ୍ରକୁ ଆସୁଥିବା କୁନିକୁନି ଶିଶୁମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ତୁରନ୍ତ ପାଚେରୀର ମରାମତି କିମ୍ବା ପୁନଃନିର୍ମାଣ, ଗେଟ୍ ସ୍ଥାପନ ଏବଂ ନିରାପଦ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

## ସହିଦ ପୀଠର ମର୍ଯ୍ୟାଦାକୁ ଆଘାତ, ମଙ୍ଗଳପୁର-ସହିଦ ପୀଠ ରାସ୍ତାରେ ମଦ ଦୋକାନକୁ ନେଇ ବିରୋଧ




ଧାମନଗର, (ମହାଭାରତ) : ଭଦ୍ରକ ଜିଲ୍ଲା ର ସ୍ୱାଧୀନତା ସଂଗ୍ରାମୀ ସହିଦମାନଙ୍କ ସ୍ମୃତିକୁ ଚିରସ୍ମରଣୀୟ କରିବା ପାଇଁ ଗଢ଼ିଉଠିଥିବା ସହିଦ ପୀଠ କେବଳ ଏକ ଐତିହାସିକ ସ୍ଥାନ ନୁହେଁ, ଏହା ଲୋକଙ୍କ ଭାବାବେଗ ଓ ଶ୍ରଦ୍ଧାର ପ୍ରତୀକ। ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଏହି ପବିତ୍ର ସ୍ଥାନ ନିକଟରେ ମଦ ଦୋକାନ ପରିଚାଳନାକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମଙ୍ଗଳପୁରରୁ ସହିଦ ପୀଠ ମଧ୍ୟଭାଗରେ ଏଭଳି ଏକ ସ୍ଥାନରେ ମଦ ଦୋକାନକୁ କିପରି ଅନୁମତି ମିଳିଲା ବୋଲି ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ମତରେ, ଏହା କେବଳ ଜନସ୍ୱାର୍ଥ ବିରୋଧୀ ନୁହେଁ, ବରଂ ସହିଦମାନଙ୍କ ସ୍ମୃତି ଓ ସମ୍ମାନ ପ୍ରତି ମଧ୍ୟ ଏକ ଅପମାନ। ଭଦ୍ରକ ଜିଲ୍ଲାର ଅସୁରାଳି ପଞ୍ଚାୟତ ପାଇଁ ସରକାରଙ୍କ ପକ୍ଷରୁ ଅନୁମୋଦିତ ମଦ ଦୋକାନଟି ବର୍ତ୍ତମାନ ଖପରପଦା ପଞ୍ଚାୟତ ଅଞ୍ଚଳରେ ପରିଚାଳିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସହିଦ ମଣ୍ଡପ, ସହିଦ ମେଡିକାଲ ଓ ସହିଦ ମହାବିଦ୍ୟାଳୟ ନିକଟସ୍ଥ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏହି ମଦ ଦୋକାନକୁ ନେଇ ସାଧାରଣ ଲୋକ, ବିଶେଷକରି ମହିଳା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ଏହା ଏକ ଠିପି ବନ୍ଦ ମଦ ଦୋକାନ ହୋଇଥିଲେ ମଧ୍ୟ ବର୍ତ୍ତମାନ ସେଠାରେ ଖୋଲାଖୋଲି ମଦ ବିକ୍ରି ସହ ବଡ଼ ବଡ଼ ଚାଖଣା ଦୋକାନ ଖୋଲାଯାଇଛି। ଏପରିକି ଟେଣ୍ଟ ପକାଇ ଲୋକମାନଙ୍କୁ ବସି ମଦ୍ୟପାନ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଅଭିଯୋଗ ହେଉଛି। ପ୍ରତିଦିନ ସନ୍ଧ୍ୟା ପରେ ଏଠାରେ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ପରିବେଶ ଅଶାନ୍ତ ହେଉଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି।
ମଙ୍ଗଳପୁରରୁ ସହିଦ ପୀଠକୁ ସଂଯୋଗ କରୁଥିବା ଏହି ବ୍ୟସ୍ତ ବହୁଳ ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରନ୍ତି। ବିଶେଷକରି କଲେଜ ଛାତ୍ରଛାତ୍ରୀ, ମହିଳା ଓ କାର୍ଯ୍ୟରତ ମହିଳାମାନେ ସନ୍ଧ୍ୟା ସମୟରେ ଏହି ରାସ୍ତା ଦେଇ ଯିବାକୁ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି। ରାସ୍ତା କଡ଼େର ବସି ମଦ୍ୟପାନ କରୁଥିବା ଲୋକଙ୍କ ଯୋଗୁଁ ଅନେକ ସମୟରେ ଅସହଜ ପରିସ୍ଥିତି ସୃଷ୍ଟି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଅସୁରାଳି ପଞ୍ଚାୟତର ସରପଞ୍ଚ ମିନତୀ ସାହୁ କହିଛନ୍ତି ଯେ, ସେ ଏହି ମଦ ଦୋକାନ ପାଇଁ କୌଣସି ପ୍ରକାର ଅନୁମତି ଦେଇନାହାନ୍ତି। ସେହିପରି ଖପରପଦା ପଞ୍ଚାୟତର ସରପଞ୍ଚ ମଧ୍ୟ ଏହି ଦୋକାନ ପାଇଁ ଏନଓସି (ଘଡଉ) ଦେଇନଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଅବକାରୀ ବିଭାଗର ଏସ୍‌ପି ନରୋତ୍ତମ ମିଶ୍ର କହିଛନ୍ତି ଯେ, ଅଭିଯୋଗର ତଦନ୍ତ କରାଯିବ। ଯଦି ଠିପି ବନ୍ଦ ଦୋକାନରେ ବସି ମଦ୍ୟପାନ, ଚାଖଣା ଦୋକାନ ଓ ଅନ୍ୟାନ୍ୟ ନିୟମବିରୋଧୀ କାର୍ଯ୍ୟକଳାପ ଚାଲୁଥିବା ସତ୍ୟ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ, ମହିଳା ସଂଗଠନ ଓ ସାଧାରଣ ଜନତା ପ୍ରଶାସନଙ୍କ ନିକଟରେ ଶୀଘ୍ର ହସ୍ତକ୍ଷେପ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଜନଗହଳିପୂର୍ଣ୍ଣ ସ୍ଥାନ, ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ର ନିକଟରେ ଏପରି ପରିବେଶ ସୃଷ୍ଟି ହେବା ସାମାଜିକ ଶୃଙ୍ଖଳା ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଉଦ୍‌ବେଗଜନକ। ସେଥିପାଇଁ ନିରପେକ୍ଷ ତଦନ୍ତ କରି ନିୟମ ଉଲ୍ଲଂଘନ ହୋଇଥିଲେ କଡ଼ା ପଦକ୍ଷେପ ନେବା ସହ ଦୋକାନଟିକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଶିଶୁଅନନ୍ତ ମହାବିଦ୍ୟାଳୟରେ ବନ ମହୋତ୍ସବ

ବାଲିପାଟଣା: ( ମହାଭାରତ )ଜୟଦେବ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଶିଶୁଅନନ୍ତ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ସୁବ୍ରତ କୁମାର ମହାନ୍ତି ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଦିତ୍ୟ ମିଶ୍ର ଅତିଥି ଭାବେ ଯୋଗଦେଇ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଦୀନବନ୍ଧୁ ଭୋଇ, ବେଣୁଧର ଭୋଇ, ପ୍ରତାପଶାସନ ଡିଗ୍ରୀ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ଅରବିନ୍ଦ ସାହୁ, ମାଗୁଣି ସେଠି, ପ୍ରତାପ କିଶୋର ନାୟକ, ଅଧ୍ୟାପକ ସତ୍ୟନାରାୟଣ ରଥ, ଏନ୍ଏସ୍ଏସ୍ ମୁଖ୍ୟ ଡ଼ଃ ମାମିନା ସାହୁ, ଡ଼ଃ ନନ୍ଦିତା ଶୁକ୍ଳା, ଶତ୍ରୁଘ୍ନ ଦାଶ, ଯୁବ ରେଡ଼କ୍ରସର ମୁନା ସାହୁ, ରୋଭର ରେଞ୍ଜର ଚାନ୍ଦ ବିବି, ଜୟଶଙ୍କର ଦାଶ, ବସନ୍ତ କୁମାର ଦାଶ ଏବଂ ସୋମନାଥ ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।ଏହି ଅବସରରେ କଲେଜ ପରିସରରେ ବଉଳ, ପିଜୁଳି ଓ ଦେବଦାରୁ ଭଳି ବହୁ ଗୁଣକାରୀ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ହେବା ସହ ଆଗାମୀ ପିଢ଼ି ପାଇଁ ଏହା ଏକ ଶୁଦ୍ଧ ଓ ସୁସ୍ଥ ବାତାବରଣ ସୃଷ୍ଟି କରିବ ବୋଲି ବକ୍ତାମାନେ ମତ ଦେଇଥିଲେ।

## ୭୭ତମ ବନ ମହୋତ୍ସବ ସପ୍ତାହ

ବଲାଙ୍ଗିର;: ସ୍ୱାସ୍ଥ୍ୟ ମ୍ୟନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରବିବାର ଦିନ ଆଗଲପୁର ବ୍ଲକ କରକଟିଆ ଠାରେ,୭୭ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ 'ବିଧାୟକ ବନ'ର ଶୁଭାରମ୍ଭ କରିଥିଲେ ।ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପରିକଳ୍ପୀତ ଏକ୍ ପେଡ୍ ମା' କେ ନାମ୍ ୩.୦ ଅଧିନରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଓ ଶତାଧିକ ଜନସାଧାରଣଙ୍କ ସହ ମିଶି ବୃକ୍ଷରୋପଣ କରିଥିଲେ ।ମୋଟ ୬.୪ ହେକ୍ଟର ଜମିରେ ୬୦୦୦ ରୁ ଅଧିକ ବୃକ୍ଷରୋପଣ କରାଯାଇଛି, ଯେଉଁଥିରେ ଅନେକ ଔଷଧୀୟ ବୃକ୍ଷ ରହିଛି। ଏହା ପରିବେଶ ସୁରକ୍ଷା ଏବଂ ସବୁଜିମା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାର ରକ୍ଷଣାବେକ୍ଷଣର ଦାଇତ୍ୱ ମୁଁ ନିଜେ ନେବା ସହ ଏହାକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଛି।

## ଖଡ଼ିଆଳରେ ନଗର ବନ ଶୁଭ ଉଦ୍‌ଘାଟନ, ପର୍ଯ୍ୟଟକଙ୍କ ନୂଆ ଆକର୍ଷଣ




ନୂଆପଡ଼ା,:ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ନଗରରେ ନବନିର୍ମିତ ନଗର ବନର ଶୁଭ ଉଦ୍ଘାଟନ ଆଜି ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି ।ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ମାଳବିକା ଦେବୀ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ଡିଏଫଓ ଅଜିଜ ଖାନ ଯୋଗଦେଇ ଫିତା କାଟି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅତିଥିମାନେ ନଗର ବନର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ ।ବକ୍ତାମାନେ କହିଥିଲେ ଯେ, ଏହି ନଗର ବନ ଅଞ୍ଚଳର ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ଏବଂ କୃଷି କ୍ଷେତ୍ରର ଉନ୍ନତିରେ ସହାୟକ ହେବ। ଏହା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ମଧ୍ୟ ପରିଚିତ ହେବ ବୋଲି ଆଶା ପ୍ରକାଶ କରାଯାଇଥିଲା ।ଉଦ୍ଘାଟନ ଅବସରରେ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା, ସମାଜସେବୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ଅଞ୍ଚଳବାସୀ ଏହି ପ୍ରକଳ୍ପକୁ ସ୍ୱାଗତ କରି ଏହା ଖଡ଼ିଆଳ ଅଞ୍ଚଳର ସାମଗ୍ରିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ: ଜଣେ ଗିରଫ

ପାରଳାଖେମୁଣ୍ଡି,: ଗଜପତି ଜିଲ୍ଲାରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ଜଣେ ଗିରଫ ହେବା ସହ ୨୧ କିଲୋ ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ଗଜପତି ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ସାରା ଜିଲ୍ଲାରେ ଚୋରା ଗଞ୍ଜେଇ ଓ ମଦ କାରବାର ବିରୁଦ୍ଧରେ ବ୍ୟାପକ ଚଢଉ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ଚାନ୍ଦିପୁଟ ହାଟ ନିକଟରେ ସେହି ଗ୍ରାମର କମଳ ନାୟକ (୩୮) ସନ୍ଦେହଜନକ ଭାବେ ବସକୁ ଅପେକ୍ଷା କରିଥିବା ବେଳେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଦଳ, ରା.ଉଦୟଗିରି ଓ ମୋହନା ଅବକାରୀ ବିଭାଗ ପକ୍ଷରୁ ତାଲାସି କରାଯାଇଥିଲା। ଏଥିରେ କମଳା ନାୟକଙ୍କ ଜରି ବ୍ୟାଗକୁ ଖୋଲିବାରେ ସେଥିରେ ଗଞ୍ଜେଇ ଥିବା ଦେଖା ଯାଇଥିଲା। ଏହାପରେ ଏହି ଗଞ୍ଜେଇକୁ ଓଜନ କରିବାରେ ବସ୍ତାରେ ୨୧ କିଲୋ ଗଞ୍ଜେଇ ରହିଥିଲା। ଘଟଣା ନେଇ ଅବକାରୀ ବିଭାଗ ଅଧିକ ତଦନ୍ତ କରିବା ପରେ ଜଣାଗଲାଯେ, କମଳ ନାୟକ ଚାନ୍ଦିପୁଟରୁ ବସ ଯୋଗେ ବ୍ରହ୍ମପୁର ଯାଇ ସେଠାରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରିବା ପାଇଁ ପ୍ରସ୍ତୁତ ଥିଲା। ଘଟଣା ନେଇ ଅଭିଯୁକ୍ତ କମଳକୁ ଗିରଫ କରାଯାଇ ପାରଳାଖେମୁଣ୍ଡି କୋର୍ଟକୁ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୧୭ରେ ଉଦ୍‌ଘାଟନ ହେବ ପାରଳା ରେଳଷ୍ଟେସନ



ପାରଳାଖେମୁଣ୍ଡି,: ଗଜପତି ଜିଲ୍ଲାର ଐତିହାସିକ ପାରଳଲାଖେମୁଣ୍ଡି ରେଳଷ୍ଟେସନର ଅମୃତ ଭାରତ ଷ୍ଟେସନ ଯୋଜନାରେ ନବକଳେବରରେ ଶୋଭା ପାଉଛି। ଆଗାମୀ ୧୭ ତାରିଖ ଦିନ ଏହି ରେଳଷ୍ଟେସନ ଉଦ୍ଘାଟନ ହେବାକୁ ଯାଉଛି। ସଫଳତାର ସହ ଏହାର ଉଦଘାଟନକୁ ନଜରରେ ରଖି ପୂର୍ବତଟ ରେଳପଥ ରାୟଗଡା ଡିଭିଜନର ଡିଭିଜନାଲ ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ସିଙ୍ଘଲ ରେଳ ଷ୍ଟେସନ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଓ ପ୍ରାୟ ଦୁଇ ବର୍ଷ ଧରି ଚାଲିଥିବା ଷ୍ଟେସନର ପୁନଃ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ କେବଳ କିଛି ଶେଷ ସ୍ପର୍ଶ କାର୍ଯ୍ୟ ବାକି ରହିଛି । ଚଳିତ ମାସ ୧୭ ତାରିଖରେ ଏହାର ଉଦ୍ଘାଟନ ହେବାର ସମ୍ଭାବନା ଥିବାରୁ ଡିଆରଏମ୍ ଦ୍ୱିତୀୟ ଥର ପାଇଁ ଷ୍ଟେସନ ଗସ୍ତ କରି ନିର୍ମାଣ ଓ ଆନୁଷାଙ୍ଗିକ ବ୍ୟବସ୍ଥାର ସମୀକ୍ଷା ଓ ଚୂଡ଼ାନ୍ତ ତଦାରଖ କରିଥିଲେ।

# ଅର୍ଦ୍ଧଶତାବ୍ଦୀର ଐତିହ୍ୟ ବହନ କରୁଛି କୁରାଙ୍ଗ ଶାସନର ରଥଯାତ୍ରା

ବାରଙ୍ଗ (ମହାଭାରତ):ବାରଙ୍ଗ ବ୍ଲକ ଅନ୍ତର୍ଗତ କଟକ ସଦରଥାନା ଅଧିନରେ ଥିବା କୁରାଙ୍ଗ ଶାସନ ମାଟିରେ ଏବେ ଏକ ଭାବପୂର୍ଣ୍ଣ ପରିବେଶ । ଯେଉଁ ମାଟିରେ ଦିନେ ଜଣେ ଅଜଣା ପଥିକଙ୍କ ପାଦ ପଡ଼ିଥିଲା,ଆଜି ସେହି ମାଟି ସାରା ଅଞ୍ଚଳ ପାଇଁ ଆଧ୍ୟାତ୍ମିକତାର ଏକ ମହାପୀଠ ପାଲଟିଛି । କୁରାଙ୍ଗ ଶାସନ ଶ୍ରୀଗୁଣ୍ଡିଚା ରଥଯାତ୍ରା ଚଳିତ ବର୍ଷ ଜୁଲାଇ ୧୬ ତାରିଖ ଶ୍ରୀଗୁଣ୍ଡିଚା ଦିନ ତା'ର ସୁବର୍ଣ୍ଣ ଜୟନ୍ତୀ ବା ଅର୍ଦ୍ଧ ଶତାବ୍ଦୀରେ ପଦାର୍ପଣ କରୁଛି । ଏହା କେବଳ ଏକ ପର୍ବ ନୁହେଁ, ବରଂ ଏହା ଏକ ପବିତ୍ର ସଂକଳ୍ପର ବିଜୟ । ଏହି ମହାନ ଯାତ୍ରାର ମୂଳଦୁଆ ପକାଇଥିଲେ ଜଣେ ଅଣ-ଓଡ଼ିଆ ସାଧୁ, ଯାହାଙ୍କୁ କୁରାଙ୍ଗବାସୀ ଆଦରରେ ଡାକୁଥିଲେ 'ପଶ୍ଚିମା ବାବା'। ତତ୍କାଳୀନ ବିହାରରୁ ଆସିଥିବା ରାମପ୍ରସାଦ ଭାରତୀ ନାମକ ଏହି ସାଧୁ ସରଳତା ଓ କରୁଣାର ପ୍ରତୀକ ଥିଲେ। ନିଜର ଆୟୁର୍ବେଦିକ ଜ୍ଞାନ ଓ ବିଭୂତି ଦ୍ୱାରା ସେ ଅସଂଖ୍ୟ ରୋଗୀଙ୍କ ସେବା କରିଥିଲେ। ତାଙ୍କ ଜୀବନର କାହାଣୀ କେବଳ ସେବା ନୁହେଁ, ବରଂ ଅନେକ ଅଲୌକିକ ଅନୁଭୂତିରେ ଭରା। ୧୯୮୨ ମସିହା ଜୁନ୍ ୭ ତାରିଖରେ ୧୧୧ ବର୍ଷ ବୟସରେ ସେ ସ୍ୱଇଚ୍ଛାରେ ନିଜ ଶରୀର ତ୍ୟାଗ କରିଥିଲେ, କିନ୍ତୁ ସେ ଛାଡ଼ିଯାଇଥିଲେ ଭକ୍ତିର ଏକ ଅମୂଲ୍ୟ ପରମ୍ପରା। ୧୯୭୮ ମସିହାରେ ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ଏତେ ବଡ଼ ବୃକ୍ଷରେ ପରିଣତ ହୋଇଛି। ଏହି ଯାତ୍ରାର ପଥ ସୁଗମ କରିବାରେ ବାବାଙ୍କ ପଞ୍ଚଶିଷ୍ୟ



ସ୍ୱର୍ଗତ ନାରଣ ବାବା, ବାଉରୀବନ୍ଧୁ ସେଠୀ, ଟିକମ ମଲିକ, ଅପର୍ଣ୍ଣା ସାହୁ, ସୁବଳ ଜେନା, ଦୀନବନ୍ଧୁ ସାହୁ ଏବଂ ବନବିହାରୀ ଦାସଙ୍କ ଅବଦାନ ଅତୁଳନୀୟ। ତତ୍କାଳୀନ କଟକ ଜିଲ୍ଲାପାଳ ପ୍ରସନ୍ନ କୁମାର ହୋତାଙ୍କ ସହଯୋଗ ଏହି ରଥର ନିର୍ମାଣକୁ ବାସ୍ତବ ରୂପ ଦେଇଥିଲା । ଇନ୍ଦିରାଗ୍ରାମ ବାଲିକ୍ୟିଆରୁ ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ୫୦ ଫୁଟ ଉଚ୍ଚ ମନ୍ଦିରରୁ ନିଜର ଶ୍ରୀଜଗନ୍ନାଥଙ୍କୁ ନେଇ ରାଜରାସ୍ତାରେ ଗଡ଼ୁଛି। କେବଳ ରଥଯାତ୍ରା ନୁହେଁ, ଆଇନଜୀବୀ ଆର୍ତ୍ତବନ୍ଧୁ ମିଶ୍ରଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ସଂସ୍କୃତ ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀ ଜଗତ୍ତାଥ ଆଧ୍ୟାତ୍ମିକ ଚେତନା ପରିଷଦର କାର୍ଯ୍ୟକର୍ତ୍ତାମାନଙ୍କ ନିଷ୍ଠାପର ସେବା ଏହି ଅଞ୍ଚଳକୁ ଏକ ସଂସ୍କୃତି ସମ୍ପନ୍ନ ସମାଜରେ ପରିଣତ କରିଛି ।ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ରଥଯାତ୍ରାର ଏହି ମହାସମାରୋହ ଆଜି ବର୍ଣ୍ଣ, ଜାତି ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଏକ ମିଳନ କ୍ଷେତ୍ର । ପଶ୍ଚିମା ବାବାଙ୍କର ସେହି ନିରାଡ଼ମ୍ବର ଆଶ୍ରମ ଆଜି ଅଗଣିତ ଭକ୍ତଙ୍କ ହୃଦୟରେ ଶାନ୍ତି ଓ ଆନନ୍ଦର ବାର୍ତ୍ତା ବହନ କରୁଛି। ଅର୍ଦ୍ଧ ଶତାବ୍ଦୀର ଏହି ଯାତ୍ରା ପ୍ରମାଣ କରେ ଯେ, ସାଧୁଙ୍କ ଆଶୀର୍ବାଦ ଏବଂ ଭକ୍ତଙ୍କ ନିଷ୍ଠା ଥିଲେ ଏକ ଛୋଟ ପଦକ୍ଷେପ ମଧ୍ୟ କାଳକ୍ରମେ ଏକ ମହାନ୍ ଇତିହାସ ସୃଷ୍ଟି କରିପାରେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ ଶିବିର

ଆସିକା (ମହାଭାରତ): ସ୍ନାତକ ଡିଗ୍ରୀ ପରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଏବଂ ଆଗ୍ରହ ଅନୁଯାୟୀ ସଠିକ୍ ଚାକିରି/ପାଠ୍ୟକ୍ରମ ବାଛିବାରେ ସାହାଯ୍ୟ କରିବା ଏବଂ ଶିକ୍ଷାର୍ଥୀମାନେ କିପରି ସରକାରୀ, ବେସରକାରୀ ଚାକିରି କ୍ଷେତ୍ରରେ ନିଯୁକ୍ତି ପାଇପାରିବେ ଏବଂ ଉଦ୍ୟୋକ୍ତା ରୂପେ ନିଜ ଭବିଷ୍ୟତ ଜୀବନକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳି ପାରିବେ। ସେଥିପାଇଁ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଏବଂ ଯୋଗ୍ୟତା ନିରୂପଣ ଆବାହକ ଇଁରାଜୀ ଅଧ୍ୟାପକ ଶୁଭେନ୍ଦୁ କୁମାର ରଥଙ୍କ ପରିଚାଳନାରେ ବୃତ୍ତିଗତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମ୍ବଳ ବ୍ୟକ୍ତିତ୍ୱ ରୂପେ ମଧୁସୂଦନ ଆର୍ଥିକ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ବିଭୁଦତ୍ତ ଆଚାରୀ ଏବଂ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁରର ସହଯୋଗୀ ଅଧ୍ୟାପକ ଡ଼. ସୂରଜ କୁମାର ପାଣିଗ୍ରାହୀ, ସ୍ୱମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଏବଂ ଶୈକ୍ଷିକ ଅଧିକାରିଣୀ ଡ଼. ନନ୍ଦିତା




ଦାଶ, ଇଁରାଜୀ ଅଧ୍ୟାପକ ଡ଼. ସ୍ୱପ୍ନି ପ୍ରଧାନ, ଆଭ୍ୟନ୍ତରୀଣ ଗୁଣବତ୍ତା ମୂଲ୍ୟାୟନ କକ୍ଷର ସଂଯୋଜକ ଅଧ୍ୟାପକ ଏଲ. ଭାନୁଚନ୍ଦ୍ର ରାଓ,ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ମୁନୀ ମଞ୍ଚାସୀନ ଥିଲେ। ଡ଼. ମୁନୀ ସଭା ପରିଚାଳନା କରିଥିବା ବେଳେ ଆବାହକ ଡ଼. ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିରରେ ଯୁକ୍ତ ତିନିର ଦ୍ୱିତୀୟ ଏଂ ଅନ୍ତିମ ବର୍ଷର ଶିକ୍ଷାର୍ଥୀ ମାନେ ଅଂଶଗ୍ରହଣ କରିଥିଲେ। ବୃତ୍ତି ସମ୍ବଳ ବ୍ୟକ୍ତିତ୍ୱ ଡ଼. ଆଚାରୀ ସ୍ନାତକ ପରେ କିପରି ବିଭିନ୍ନ କ୍ଷେତ୍ରରେ ଚାକିରିର ସୁଯୋଗ ପାଇପାରିବେ, ତା'ର ବିଭିନ୍ନ ନିଚ୍ଛକ ନମୁନା ପିପିଟି ଶୋ ମାଧ୍ୟମରେ ଦେଖାଇଥିଲେ। ଡ଼. ପାଣିଗ୍ରାହୀ ବିଭିନ୍ନ ପ୍ରକାର ଚାକିରି ସୁଯୋଗର ଆହ୍ୱାନ ଓ ବିଭିନ୍ନ କ୍ଷେତ୍ରେ ଚାକିରି ସୁଯୋଗ ଉପରେ ପରିସଂଖ୍ୟାନ ବିଶ୍ଳେଷଣ କରିଥିଲେ। ପ୍ରଶାସନିକ ଅଧିକାରୀ ଓ ଶୈକ୍ଷିକ ଅଧିକାରିଣୀଙ୍କ ପରାମର୍ଶ କ୍ରମେ ସମସ୍ତ କାର୍ଯ୍ୟ ସଫଳ ରୂପାୟନ ହୋଇପାରିଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିବାର ନଜିର ରହିଛ। ସେଥି ମଧ୍ୟରୁ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ କୁମାର ସାହୁ, ସୁଶ୍ରୀ ରଶ୍ମିପ୍ରୀୟା କଲୋ, ଧନଞ୍ଜୟ ମହାପାତ୍ର ସହଯୋଗ କରିଥିଲେ ।ପରିଶେଷରେ ଇଂରାଜୀ ଅଧ୍ୟାପକ ଡ଼. ସ୍ୱପ୍ନି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁଲଡିହା ସାପ୍ତାହିକ ହାଟରୁ ବାଇକ ଚୋରି, ଥାନାରେ ଅଭିଯୋଗ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ସାପ୍ତାହିକ ହାଟରୁ ଜଣେ ବ୍ୟକ୍ତିଙ୍କ ବାଇକ ଚୋରି ହୋଇଯାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦିନଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ହାଟ ଅଞ୍ଚଳରୁ ବାଇକ ଚୋରି ହେବା ଘଟଣା ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅନ୍ତର୍ଗତ କଙ୍କଡାପାଳ ଗ୍ରାମ ପଞ୍ଚାୟତର ଗରାମିଆଁ ଗ୍ରାମର ବାସିନ୍ଦା ଚନ୍ଦ୍ରମୋହନ ମୁଣ୍ଡା (୪୦) ନିଜ ପୁଅଙ୍କ ଅଭିଭାବକ ବୈଠକରେ ଯୋଗଦେବା ପାଇଁ ସାତକୋଶିଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟକୁ ଆସିଥିଲେ। ବୈଠକ ଶେଷ ହେବା ପରେ ସେ ଘରକୁ ଫେରୁଥିବା ସମୟରେ ମହୁଲଡିହା ସାପ୍ତାହିକ ହାଟରେ କିଛି ଆବଶ୍ୟକୀୟ ପରିବା ଓ ଘରୋଇ ସାମଗ୍ରୀ କିଣିବା ପାଇଁ ଅଟକିଥିଲେ ।ସେ ନିଜର କଳା ଓ ନୀଳ ରଙ୍ଗର ଗ୍ଲାମର ମୋଟରସାଇକେଲ (ନମ୍ବର - ଙଡ-୩୪ଇ-୫୮୭୭)କୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନିକଟରେ ପାର୍କିଂ କରି ବଜାର ଭିତରକୁ ଯାଇଥିଲେ। କିଛି ସମୟ ପରେ କିଣାକିଣି ସାରି ଫେରିବା ବେଳେ ସେ ଦେଖିଥିଲେ ଯେ, ଯେଉଁ ସ୍ଥାନରେ ବାଇକଟି ରଖିଥିଲେ ସେଠାରେ ଆଉ ଗାଡ଼ି ନାହିଁ। ଅଜଣା ଦୁର୍ବୃତ୍ତମାନେ ସୁଯୋଗର ସଦ୍ବ୍ୟବହାର କରି ବାଇକଟି ଚୋରି କରି ନେଇଯାଇଥିବା ସନ୍ଦେହ କରାଯାଉଛି ।ବାଇକ ନମିଳିବା ପରେ ଚନ୍ଦ୍ରମୋହନ ମୁଣ୍ଡା ହାଟ ପରିସର ଓ ଆଖପାଖ ଅଞ୍ଚଳରେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ। ତେବେ କୌଣସି ସନ୍ଧାନ ନମିଳିବାରୁ ସେ ଶେଷରେ ମହୁଲଡିହା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ।

## ବାପା ମା ଙ୍କ ନିଆରା ପ୍ରୟାସ

## ପୁଅର ଜନ୍ମଦିନରେ କଲେ ରକ୍ତଦାନ ଶିବିର



ନୟାଗଡ଼ ( ମହାଭାରତ ) : ଜନ୍ମ ଦିନ ଆସିଲେ ମନେପଡେ ପରିବାର ସାଙ୍ଗରେ କେକ୍ କାଟିବା କି ସାଙ୍ଗ ସାଥି ହୋଇ ଭୋଜି ଭାତ କରିବା। କିନ୍ତୁ ଏଠି ଦେଖିବାକୁ ମିଳିଛି ନିଆରା ଜନ୍ମ ଦିନ ପାଳନ। ପୁଅର ଜନ୍ମ ଦିନ ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କଲେ ବାପା ମା। ନୟାଗଡ଼ ବ୍ଲକ୍ ଖୁଟୁବନ୍ଧ ଗ୍ରାମ ପଞ୍ଚାୟତ ବେଗୁନିଆପାଟଣା ଗାଁ ର ବାବୁଲା ସାହୁ ଏବଂ ଗୀତାଞ୍ଜଳି ସାହୁ ଙ୍କ ଏକମାତ୍ର ପୁଅ ଆୟୁଷ୍ମାନ ସାହୁ ଙ୍କ ଦ୍ୱିତୀୟ ଜନ୍ମ ବାର୍ଷିକୀ ଅବସରରେ ବେଗୁନିଆପାଟଣା ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଆୟୋଜନ କରିଥିଲେ ।ଏଥିରେ ୨୦ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ନୟାଗଡ଼ ରକ୍ତ ଭଣ୍ଡାର ର କର୍ମଚାରୀ ଡ଼ା. ଏସ୍ ସତ୍ୟପ୍ରକାଶ ସାହୁ, ପବିତ୍ର ମୋହନ ସାହୁ, ସରୋଜ କୁମାର ସାହୁ, ଜିତେନ୍ଦ୍ର କୁମାର ସେଠି, ପଞ୍ଚୁ ଦଳେଇ ସହଯୋଗ କରିଥିଲେ। ବେଗୁନିଆପାଟଣା ଗାଁ ରେ ପ୍ରଥମ ଥର ପାଇଁ ରକ୍ତଦାନ ଶିବିର ହେଉଥିବା ରୁ ବାବୁଲା ଙ୍କ ପରିବାର କୁ ଗ୍ରାମ ର ସମସ୍ତ ବାସିନ୍ଦା ଆର୍ଶୀବାଦ କରିଛନ୍ତି। ଗାଁ ର ବୁଦ୍ଧିଜୀବୀ ଙ୍କ ମତରେ ପୁଅ ର ଜନ୍ମ ଦିନ ରେ ଏଭଳି ଜନହୀତକର କାର୍ଯ୍ୟ କରିଥିବା ବାପା ବାବୁଲା ଓ ମା ଗୀତାଞ୍ଜଳି ଧନ୍ୟବାଦ ଜଣାଇଛନ୍ତି। ବାବୁଲା ଙ୍କ ଏଭଳି ପ୍ରୟାଶ ରେ ଖୁଟୁବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁକାନ୍ତ ବିଶ୍ୱାଳ ଏବଂ ସମିତି ସଭ୍ୟ ଶୁଭେନ୍ଦୁ ମହାନ୍ତି ମଧ୍ୟ ତାଙ୍କୁ ସହଯୋଗ କରିଥିଲେ।

## ସମାଜସେବୀ ମମତା ପାଢ଼ୀ ରାଜ୍ୟସ୍ତରରେ ସମ୍ମାନୀତ

ପାରଳାଖେମୁଣ୍ଡି,।: ଗଜପତିର ସମାଜସେବୀ ମମତା ପାଢ଼ୀ ରାଜ୍ୟସ୍ତରରେ ସମ୍ମାନୀତ ହୋଇଥିବା ସୂଚନା ମିଳିଛି। ସମ୍ବାଦପତ୍ର ତୀକ୍ଷ୍ଣ ଦୃଷ୍ଟି ଦ୍ୱାରା ଆୟୋଜିତ ଭବ୍ୟ ସମାରୋହରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତଥା ମହିଳା ସମାଜସେବୀ ମମତା ପାଢ଼ୀ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ଭବନଠାରେ ସମ୍ମାନିତ ହୋଇଛନ୍ତି ।ନିଜର ଦାୟୀତ୍ୱ ସହ ବହୁମୂଖୀ ପ୍ରତିଭାଧାରୀ ମମତା ଏକାଧାରରେ ସୁଗାୟିକା ତଥା ବିଭିତ୍ତ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ନିକଟରେ ବନ ବିଭାଗ ତରଫରୁ ଜାତୀୟ ପରିବେଶ ଦିବସ ଦିନ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ପୌର କର୍ପୋରେସନର ମେୟର



ସୁଲୋଚନା ଦାସ, ରାଜନେତା ଦାସ ଉପସ୍ଥିତ ରହି ତାଙ୍କୁ ଅରବିନ୍ଦ ଡାଲି ଇଂ ଜାମିନି କାନ୍ତ ସମ୍ମାନିତ କରିଥିଲେ।

## କଂସାରୀଗଣ୍ଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଚାଲିଛି : ଖାମଖିଆଲି ନୀତି ଯୋଗୁଁ ନଦୀ କୂଳ ଖାଉଛି

# ନଦୀ ଗର୍ଭରେ ଲୀନ ହେବାକୁ ଯାଉଛି ପୋଟଲାମପୁର ପଞ୍ଚାୟତ

ଛତ୍ରପୁର

ଗଞ୍ଜାମ ଜିଲ୍ଲା ପୋଟମପେଟା ଓ ଆର୍ଯ୍ୟପଲ୍ଲୀ ସମୁଦ୍ର ଅଂଚଳ କୂଳ ଖାଉଥିବା ବେଳେ ଏବେ ଋଷିକୂଲ୍ୟା ନଦୀ କୂଳ ଖାଇବା ଦେଖିବାକୁ ମିଳିଛି । ଏପରି ଘଟଣା ଦେଖିବାକୁ ମିଳିଛି ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୂର ଅଂଚଳରେ । ଛତ୍ରପୁର ନିର୍ବାଚନ ମଣ୍ଡଳୀ ର ବୋରଦା ନିକଟରେ ଚାଲିଛି କଂସାରୀଗଣ୍ଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ।ଦାୟିତ୍ୱ ରେ ଥିବା ଠିକାସଂସ୍ଥା ର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ଖାମଖିଆଲ ନୀତି



ଯୋଗୁଁ ସଙ୍କଟରେ ପୋଟଲାମପୁର ପଞ୍ଚାୟତ । ଋଷିକୂଲ୍ୟା ନଦିର ବୋରଦା ପଟେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗୋଟାଏ ପଟେ ପାଣି ବନ୍ଦ କରାଯାଇଛି । ଅନ୍ୟପଟେ ପୋଟଲାମପୁର ପଞ୍ଚାୟତ ରହିଥିବା ବେଳେ ଏହି ପଟେ ପାଣି ପ୍ରବାହିତ ହେଉଥିବା ହେତୁ ନଦୀ କୂଳ ଲଂଘନ କରୁଛି । ଯାହା ଫଳରେ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ ନଦୀ ଜଳରେ ଲୀନ ହୋଇଯାଇଥିବା ବେଳେ ଗ୍ରାମଟି କେତେବେଳେ ନଦୀ ଜଳରେ ମିଶିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଅଂଚଳବାସୀ ମାନେ। ଆର ପଟେ କାମ ଶେଷ ହୋଇଥିବା ବେଳେ ପାଣିକୁ ସେହି ପାର୍ଶ୍ୱରେ ଛାଡିଥିଲେ ଏହିଭଳି ସମସ୍ୟା ଉପୁଜିନଥାନ୍ତା ବୋଲି କହିଛନ୍ତି ସେମାନେ। କଂସାରୀଗଣ୍ଡ ବ୍ୟାରେଜ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଙ୍କ ବାରମ୍ବାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଏବଂ ବିଭାଗୀୟ ଅଧିକାରୀମାନେ ସେଠାରେ ଉପସ୍ଥିତ ନ ରହି ମନମୁଖୀ କାର୍ଯ୍ୟ ଯୋଗୁଁ ଏହିଭଳି ସମସ୍ୟା ଉପୁଜିଥିବା ବେଳେ ଅଭିଯୋଗ ପରେ ଧର୍ମକୁ ଆଖି ଠାର ଭଳି ଅଧିକାରୀ ମାନେ ସ୍ଥଳରେ ପହଞ୍ଚି ସମତୁଲ କରୁଛନ୍ତି । ଅନ୍ୟପଟେ କଂକ୍ରିଟ ଗାର୍ଡ ୱେଲ ସମେତ ପଥର ବନ୍ଧ ନିର୍ମାଣ କରିବାକୁ ସରପଞ୍ଚ ନିରଞ୍ଜନ ପ୍ରଧାନ ଓ ସମିତି ସଭ୍ୟ ଶମ୍ଭୁ ନାଥ ସ୍ୱାଇଁ, ଶତ୍ରୁଘ୍ନ ବିଶ୍ୱାଳ ସହ ବହୁ ଅଂଚଳବାସୀ ମାନେ ଦାବି କରିଛନ୍ତି ।ଏ ସମସ୍ତ କାର୍ଯ୍ୟ ଆସନ୍ତା ୧୦ / ୧୫ଦିନ ମଧ୍ୟରେ ତ୍ୱରାନ୍ନୀତ କରିବାକୁ କହିଛନ୍ତି ଅଂଚଳବାସୀ । ନଚେତ ଆଗାମୀ ଦିନ ରେ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ଚେତାବନୀ ଦେଇଛନ୍ତି । ଏନେଇ ବିଭାଗୀୟ ଅଧିକାରୀ ଙ୍କୁ ପଚାରିବାରୁ ଗଣମାଧ୍ୟମକୁ ଦେଖି ଜଳ ସେଚନ ବିଭାର ର ଜୈନକ ଅଧିକାରି ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିବା ଦେଖିବାକୁ ମିଳିଥିଲା ।

## ନେପାଳରେ ପୁଣି ଜେନ୍-ଜି ବିଦ୍ରୋହ, ବାଲେନ ଶାହଙ୍କ ଇସ୍ତଫା ଦାବିରେ ରାସ୍ତାକୁ ଓହ୍ଲାଇଲେ ଯୁବକ

ନେପାଳ : ନେପାଳରେ ପୁଣି ଜୋର ଧରିଛି ଜେନ-ଜି ବିଦ୍ରୋହ । ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ଇସ୍ତଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ହଜାର ହଜାର ଯୁବକ । ସ୍ଥିତି ଏପରି ହୋଇଛି ଯେ, ମାତ୍ର ତିନି ଦିନ ମଧ୍ୟରେ ତିନି ଜଣ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ ଉଦ୍ୟମ କରିଥିବା ଦାବି କରାଯାଉଛି । ଏହି ଭୟଙ୍କର କାଣ୍ଡ ପରେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବାବେଳେ, ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି । ଆଉ ଏହି ଘଟଣା ପରେ ନେପାଳର ରାଜନୀତି ସରଗରମ ହୋଇଛି। ଦିନେ ଦୁର୍ନୀତି ଓ ସ୍ୱଜନପ୍ରୀତି ବିରୋଧୀ ଜନଆନ୍ଦୋଳନର ମୁଖ୍ୟ ଚେହେରା ସାଜିଥିଲେ ବାଲେନ ଶାହ । କ୍ଷମତାକୁ ଆସିବା ପରେ ସେ ଦେଶରେ ବଡ଼ ପରିବର୍ତ୍ତନର ପ୍ରତିଶ୍ରୁତି ଦେଇଥିଲେ । ଯୁବବର୍ଗଙ୍କ ପାଇଁ ଚାକିରି ସୃଷ୍ଟି, ଦୁର୍ନୀତି ଦୂରୀକରଣ ଓ ସୁଶାସନର ପ୍ରତିଶ୍ରୁତି ଦେଇ ସେ ବ୍ୟାପକ ସମର୍ଥନ ହାସଲ କରିଥିଲେ କିନ୍ତୁ ସରକାର ଗଠନର ଏକ ବର୍ଷ ପୂରଣ ପୂର୍ବରୁ ହିଁ ଯୁବବର୍ଗଙ୍କ ଆଶା ଭାଙ୍ଗିଥିବା ଅଭିଯୋଗ ହୋଇଛି । ଜେନ-ଜି ନେପାଳ ସଂଗଠନର ଅଭିଯୋଗ, ସରକାର ଯୁବକଙ୍କ ପାଇଁ ରୋଜଗାର ଓ ଆୟ ବୃଦ୍ଧି ସମ୍ପର୍କିତ କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଇନାହାନ୍ତି । ଏପରିକି ବଜେଟ୍ ଓ ସରକାରୀ ନୀତିରେ ମଧ୍ୟ ଯୁବବର୍ଗଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସେପଟେ କ୍ରମାଗତ ଆତ୍ମଦାହ ଉଦ୍ୟମ ଘଟଣା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଥିବା ବେଳେ, ବିରୋଧୀ ନେପାଳୀ କଂଗ୍ରେସ ଏହାକୁ ନେଇ ତୀବ୍ର ଆକ୍ରମଣ କରିଛି । ୨୦୨୩ରେ ପ୍ରେମ ଆଚାର୍ଯ୍ୟ ନାମକ ଜଣେ ଯୁବକଙ୍କ ଆତ୍ମଦାହ ପରେ ସେତେବେଳର କାଠମାଣ୍ଡୁ ମେୟର ଥିବା ବାଲେନ ଶାହ ତତ୍କାଳୀନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ ।

# ସିନ୍ଧୁଜଳ ଚୁକ୍ତି ସ୍ଥଗିତକୁ ବିରୋଧ କରି ପାକିସ୍ତାନରେ ଆନ୍ଦୋଳନ: ଆମେ ମରିଯିବୁ, କିନ୍ତୁ ସିନ୍ଧୁକୁ ଛାଡ଼ିବୁନି

ଇସଲାମାବାଦ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହ ସିନ୍ଧୁଜଳ ଚୁକ୍ତିକୁ ଗତବର୍ଷଠାରୁ ସ୍ଥଗିତ ରଖିଛି। ରକ୍ତ ଓ ପାଣି ଏକା ସାଙ୍ଗରେ ବହି ପାରିବନି କହି ଭାରତ ସିନ୍ଧୁଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ କରିବା ଉଚିତ ବୋଲି ଭାରତ କହିଛି। ସିନ୍ଧୁଜଳ ଚୁକ୍ତି ସ୍ଥଗିତ ନିଷ୍ପତ୍ତି ପାଇଁ ପାକିସ୍ତାନରେ ଜଳ ସଙ୍କଟ ମଧ୍ୟ ଦେଖାଦେଇଛି। ପାକିସ୍ତାନରେ ଏବେ ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି।



ଦେଶର ସିନ୍ଧ ଅଞ୍ଚଳରେ ସିନ୍ଧୁଜଳ ଚୁକ୍ତି ସ୍ଥଗିତ ରହିବାକୁ ବିରୋଧ କରି ଆନ୍ଦୋଳନ ହୋଇଛି। ପାକିସ୍ତାନୀ ଖବରକାଗଜ ଡନ୍‌?ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ନେତୃତ୍ୱାଧୀନ ପିପିପି (ପାକିସ୍ତାନ ପିପୁଲ୍ସ ପାର୍ଟି) କର୍ମୀମାନେ ସିନ୍ଧରେ ରାଲି କରିଛନ୍ତି। ସେମାନେ କରାଚୀ, ହାଇଦ୍ରାବାଦ, ଥାର, ମିରପୁରଖସ, ଲରକାନା, ଶିକରପୁର, ନଉସହରୋ, ଫିରୋଜପୁର ଓ ଦାଦୁରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନକାରୀ କହିଛନ୍ତି, ଆମେ ମରିଯିବୁ କିନ୍ତୁ ସିନ୍ଧୁକୁ ନେଇ ଆମର ଦାବିକୁ ଛାଡ଼ିବୁନି। ଦଳର ସିନ୍ଧ ମୁଖ୍ୟ ନିସାର ଅହମଦ ଖୁ?ହରୋ କହିଛନ୍ତି, ପିପିପି ସର୍ବସାଧାରଣରେ ଉକ୍ତ ପ୍ରସଙ୍ଗ ଉଠାଇବ। ଦଳ ପ୍ରତି ଗାଁରୁ ଲୋକଙ୍କୁ ଏଥିପାଇଁ ଏକଜୁଟ୍? କରିବ। ବିଲାଓ୍ୱଲ ସିନ୍ଧୁଜଳ ଚୁକ୍ତି ପ୍ରସଙ୍ଗକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, ପିପିପି କର୍ମୀମାନେ ବିଲାଓ୍ୱଲଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରିବେ ଏବଂ ଏହା ଦ୍ୱାରା ସେ ଦେଶର ସ୍ୱାର୍ଥ ରକ୍ଷା କରିପାରିବେ।

ରିପୋର୍ଟ ଅନୁଯାୟୀ ସିନ୍ଧ ସରକାରଙ୍କ ମନ୍ତ୍ରୀ ସୟିଦ ଘନି କହିଛନ୍ତି, ସିନ୍ଧୁ ନଦୀ କେବଳ ସିନ୍ଧ ଓ କରାଚୀ ପାଇଁ ଏକ ପ୍ରସଙ୍ଗ ନୁହେଁ ବରଂ ଏହା ସମଗ୍ର ଦେଶକୁ ପ୍ରଭାବିତ କରୁଛି। ପାକିସ୍ତାନର ଏହା ଜୀବନଧାରା। ସିନ୍ଧୁ ଜଳ ଅଟକିଲେ ପାକିସ୍ତାନ ଲୋକ ଶାନ୍ତ ରହିବେନି ବୋଲି ପିପିପି ମୁଖ୍ୟ ବିଲାଓ୍ୱଲ ପୂର୍ବରୁ ଚେତାବନୀ ଦେଇଥିଲେ।

## ଆସାମ ରାଇଫଲ୍ସ ଗାଡ଼ିରେ ଆଇଇଡି ବିସ୍ଫୋରଣ

ନାଗାଲାଣ୍ଡ : ନାଗାଲାଣ୍ଡର ସୁଖୋଭି ଅଞ୍ଚଳ ଆସାମ ରାଇଫଲ୍ସ ଗାଡ଼ିରେ ଆଇଇଡି ବିସ୍ଫୋରଣ । ବିସ୍ଫୋରଣ ହେବା ଯୋଗୁଁ ଜଣେ ଯବା ସହିତ ହୋଇଥିବା ବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି । ସୁରକ୍ଷାବଳ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ ଜାରି କରିଛି । ଆହତ ଯବାନଙ୍କୁ ତୁରନ୍ତ ନିକଟସ୍ଥ ହସପିଟାଲରେ ଭର୍ତ୍ତି କରାଯାଇଛି । ତେବେ ଏହା ପଛରେ କାହାର ହାତ ରହିଛି, ତାହା ଏଯାଏଁ ଜଣାପଡିନାହିଁ । ଖବର ମୁତାବକ, ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଆସାମ ରାଇଫଲ୍ସ ଉପରେ ଆଇଡି ବିସ୍ଫୋରଣ ଖବର ସାମ୍ନାକୁ ଆସିଛି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ସୁରକ୍ଷା ବଢାଇ ଦିଆଯାଇଛି । ବଡ଼ ସର୍ଚ୍ଚ ଅପରେସନ କରାଯାଉଛି । ବିସ୍ଫୋରଣ କରିଥିବା ଆକ୍ରମଣକାରୀଙ୍କୁ ଧରିବା ପାଇଁ ସୁଖୋଭି ଏବଂ ଆଖପାଖ ଜଙ୍ଗଲରେ ମିଳିତ ସର୍ଚ୍ଚ ଅପରେସନ କରାଯାଉଛି । ତେବେ ଆଜିହିଁ ଆଜମେର ଜିଲ୍ଲା ସେସନ କୋର୍ଟକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଥିଲା । ଇମେଲ ମିଳିବା ପରେ ସୁରକ୍ଷା ଏଜେନ୍ସି ଆଲର୍ଟ ମୋଡ଼ରେ ନଜର ଆସିଛି ।

## ମହାରାଷ୍ଟ୍ରରେ 'ଲାଡକି ବହିନ୍' ଯୋଜନାରୁ ବାଦ୍ ପଡ଼ିଲେ ୯୨ ଲକ୍ଷ ମହିଳା



ମହାରାଷ୍ଟ୍ର : ମହାରାଷ୍ଟ୍ରରେ 'ମାଝି ଲାଡ଼କି ବହିନ୍ ଯୋଜନା'ରୁ ୯୦ ଲକ୍ଷରୁ ଅଧିକ ମହିଳାଙ୍କ ନାମ ବାଦ୍ ଦିଆଯାଇଛି। ମହାରାଷ୍ଟ୍ର ସରକାର ମାସକ ପୂର୍ବରୁ ଘୋଷଣା କରିଥିଲେ ଯେ, ଇ-କେଓ୍ୱାଇସି ପ୍ରକ୍ରିୟା ଅନୁସରଣ କରି ପ୍ରାୟ ୮୦ ଲକ୍ଷ ନାମ ବାଦ୍ ଦିଆଯାଉଛି। ତେବେ ସର୍ବଶେଷ ସଂଖ୍ୟା ଅନୁଯାୟୀ ଏହି ସଂଖ୍ୟା ଏବେ ୯୨ ଲକ୍ଷ ଅତିକ୍ରମ କରିଛି। 'ଲାଡକି ବହିନ୍' ଯୋଜନାରେ ପ୍ରାରମ୍ଭିକ ହିତାଧିକାରୀ ସଂଖ୍ୟା ୨.୪ କୋଟି ଥିବାବେଳେ ୯୨ ଲକ୍ଷ ହିତାଧିକାରୀଙ୍କୁ ବାଦ୍ ଦେବା ମହିଳାଙ୍କ ସଂଖ୍ୟା ପ୍ରାୟ ୩୮% ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ ବାଧ୍ୟତାମୂଳକ ପ୍ରକ୍ରିୟା ପୂରଣ କରିବାରେ ବିଫଳତା ଯୋଗୁଁ ହିତାଧିକାରୀ ବାଦ୍ ପଡ଼ି ନାହାନ୍ତି। ବରଂ ଯୋଗ୍ୟତା ମାନଦଣ୍ଡ ସହିତ ଜଡିତ ବିଭିନ୍ନ କାରଣ ଯୋଗୁଁ ମଧ୍ୟ ସଂଖ୍ୟା ହ୍ରାସ ପାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଇ-କେଓ୍ୱାଇସି ପ୍ରକ୍ରିୟା ସମାପ୍ତ କରିବାରେ ପାଖାପାଖି ୫୦ ରୁ ୫୫ ଲକ୍ଷ ମହିଳା ବିଫଳ ହୋଇଥିଲେ। ପ୍ରାୟ ୧୨ ଲକ୍ଷ ମହିଳାଙ୍କ ବାର୍ଷିକ ପାରିବାରିକ ଆୟ ଯୋଜନାର ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲା। ଅନ୍ୟପକ୍ଷରେ ୪.୫ ଲକ୍ଷରୁ ଅଧିକ ମହିଳା ସର୍ବାଧିକ ୬୫ ବର୍ଷ ବୟସ ସୀମା ଅତିକ୍ରମ କରିଥିବା ଯୋଗୁ ଯୋଜନାରୁ ବାଦ୍ ପଡ଼ିଛନ୍ତି।

# ଓମାର ଅବଦୁଲ୍ଲାଙ୍କୁ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ଧମକ ଦେଲା ବିଜେପି

ଜମ୍ମୁ-କାଶ୍ମୀର : ବିଜେପି ସୋମବାର ଜମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଉପରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ମାମଲା ରୁଜୁ କରିବାକୁ ଧମକ ଦେଇଛି। ଓମାର ଅଭିଯୋଗ କରିଥିଲେ ଯେ, ତାଙ୍କ ଦଳ ନ୍ୟାସନାଲ କନଫରେନ୍ସ (ଏନ୍‌ସି) ବିଧାୟକମାନଙ୍କୁ ଟଙ୍କା, ମନ୍ତ୍ରିପଦ ଓ ରାଜ୍ୟ ମାନ୍ୟତା ଫେରାଇ ଆଣିବାର ପ୍ରତିଶ୍ରୁତି ଦେଇ ବିଜେପି ପ୍ରଲୋଭିତ କରିବାକୁ ଚେଷ୍ଟା କରୁଛି। ଓମାରଙ୍କ ଅଭିଯୋଗ ଉପରେ ବିଜେପି ତୀବ୍ର ପ୍ରତିକ୍ରିୟା ରଖିଛି। ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ ସାତ ଦିନ ମଧ୍ୟରେ ନିଃସର୍ତ୍ତ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିବାକୁ ବିଜେପି ନୋଟିସ ଜାରି କରି ଦାବି କରିଛି। ଜମ୍ମୁ-କାଶ୍ମୀର ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ସତ୍ ଶର୍ମାଙ୍କ ପକ୍ଷରୁ ଜାରି କରାଯାଇଥିବା ନୋଟିସରେ



ଚେତାବନୀ ଦିଆଯାଇଛି ଯେ, ଅବଦୁଲ୍ଲା ଅଭିଯୋଗ ପ୍ରତ୍ୟାହାର ନ କଲେ ୧୦୦ କୋଟି ଟଙ୍କାର କ୍ଷତିପୂରଣ ମାମଲା ସମେତ ଦେୱାନୀ ଓ ଫୌଜଦାରୀ ମାନହାନି ମାମଲା ରୁଜୁ କରାଯିବ। ଅବଦୁଲ୍ଲା ଶନିବାର ଶ୍ରୀନଗରଠାରେ ଆୟୋଜିତ ନ୍ୟାସନାଲ କନଫରେନ୍ସର କନଭେନ୍‌ସନ୍‌ରେ ଅଭିଯୋଗ କରିଥିଲେ ଯେ, ଜମ୍ମୁର କେତେଜଣ ନ୍ୟାସନାଲ କନଫରେନ୍ସ ବିଧାୟକଙ୍କୁ ବିଜେପିରେ ମିଶିବା ପାଇଁ ୨୦-୩୦ କୋଟି ଟଙ୍କା ଯଚା ଯାଇଛି।

ଏହାସହିତ ମନ୍ତ୍ରିପଦ ଓ ଜମ୍ମୁ-କାଶ୍ମୀର ପାଇଁ ରାଜ୍ୟ ମାନ୍ୟତା ଦିଆଯିବା ପରି ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟରେ ଓକିଲାତି କରୁଥିବା ବିଜେପିର ଜଣେ ବରିଷ୍ଠ ନେତା ଏହି ପ୍ରସ୍ତାବ ଦେଇଥିବା ଓମାର ଅବଦୁଲ୍ଲା କହିଥିଲେ। ତେବେ ଅଭିଯୋଗଗୁଡ଼ିକୁ ମିଥ୍ୟା, ଭିତ୍ତିହୀନ ଓ ମାନହାନିଜନକ ବୋଲି ବିଜେପି କହିଛି। ଅବଦୁଲ୍ଲାଙ୍କ ମନ୍ତବ୍ୟ ପ୍ରିଣ୍ଟ, ଇଲେକ୍‌ଟ୍ରୋନିକ୍ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ ହୋଇଛି। ଓମାରଙ୍କ ମନ୍ତବ୍ୟ ଦଳର ପ୍ରତିଷ୍ଠାକୁ ଗୁରୁତର କ୍ଷତି ପହଞ୍ଚାଇଛି। ତେଣୁ ମୁଖ୍ୟମନ୍ତ୍ରୀ ଓମାର୍ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ ନିଃସର୍ତ୍ତ କ୍ଷମା ମାଗନ୍ତୁ ବୋଲି ବିଜେପି ଦାବି କରିଛି। ଅନ୍ୟପକ୍ଷରେ ଓମାର ଅବଦୁଲ୍ଲା ଜମ୍ମୁ-କାଶ୍ମୀର ପାଇଁ ରାଜ୍ୟ ମାନ୍ୟତା ଦାବି କରି ଦିଲ୍ଲୀର ଯନ୍ତର ମନ୍ତରଠାରେ ପ୍ରତିବାଦ କରିବେ ବୋଲି ଘୋଷଣା କରିଛନ୍ତି।

## ବଦ୍ରିନାଥ ଧାମ ଦାନ ଟଙ୍କା ହେରଫେର ମାମଲା : ଫେରାର କର୍ମଚାରୀ ଗିରଫ

ବଦ୍ରିନାଥ : ବଦ୍ରିନାଥ ଧାମରେ ଶ୍ରଦ୍ଧାଳୁଙ୍କ ଦାନ ଏବଂ ଚଢ଼ାଉ ଟଙ୍କା ହେରଫେର ମାମଲାରେ ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଦୀର୍ଘ ଦିନ ଧରି ଫେରାର ଥିବା ମନ୍ଦିରର ନିଲମ୍ବିତ କର୍ମଚାରୀ ପ୍ରମୋଦ ନୌଟିୟାଲ୍‌କୁ ଶେଷରେ ପୁଲିସ ଗିରଫ କରିଛି । ସେପଟେ ସିସିଟିଭି ଫୁଟେଜ୍‌ରୁ ମିଳିଥିବା ପ୍ରମାଣ ଏବେ ଏହି ସରକାରୀ କର୍ମଚାରୀଙ୍କ କଳା କାରନାମାକୁ ପଦାରେ ପକାଇଛି । ଭଗବାନ ଦରବାରରେ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଅର୍ପଣ କରୁଥିବା ଦାନ ଉପରେ ପଡ଼ିଥିଲା ପାପ ଦୃଷ୍ଟି । ମନ୍ଦିରର ଚଢ଼ାଉ ଟଙ୍କା ଜମା କରିବା ଏବଂ ରକ୍ଷଣାବେକ୍ଷଣ ପ୍ରକ୍ରିୟାରେ ବଡ଼ ଧରଣର ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା । ପ୍ରାଥମିକ ତଦନ୍ତ ପରେ ମନ୍ଦିର କମିଟିର ଜଣେ କର୍ମଚାରୀ ପ୍ରମୋଦ ନୌଟିୟାଲ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା କିନ୍ତୁ ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସେ ଫେରାର ହୋଇଯାଇଥିଲେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଏକ ବିଶେଷ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା । ଶେଷରେ ରବିବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ଦେହରାଦୁନରୁ ପ୍ରମୋଦଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ଅଭିଯୁକ୍ତଙ୍କୁ ଏବେ ଅଧିକ ପଚରାଉଚରା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଦ୍ରିନାଥ କାର୍ଯ୍ୟାଳୟକୁ ଅଣାଯାଉଛି । ପୁଲିସ ଯେତେବେଳେ ମନ୍ଦିରର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା, ସେତେବେଳେ ସାମ୍ନାକୁ ଆସିଥିଲା ଚମକାଇଦେଲା ଭଳି ଦୃଶ୍ୟ । ଗତ ଜୁନ୍ ୨୫ ତାରିଖରେ ମନ୍ଦିରର ଟଙ୍କା ଗଣତି ଚାଲିଥିବା ବେଳେ, ଅଭିଯୁକ୍ତ ପ୍ରମୋଦ ନୌଟିୟାଲ୍ ନୋଟ୍ ଗଦାରୁ ଟଙ୍କା ଗଣ୍ଡିଲି ଲୁଚାଇ ନେଇଯାଉଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି । କେବଳ ସେତିକି ନୁହେଁ, ଜୁନ୍ ୨୯ ଏବଂ ଜୁଲାଇ ୨ ତାରିଖର ଫୁଟେଜ୍‌କୁ ମଧ୍ୟ ପୁଲିସ ତନ୍ନ ତନ୍ନ କରି ଯାଞ୍ଚ କରୁଛି । ଅନ୍ୟପଟେ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ର ଏକ ୪ ଜଣିଆ ଉଚ୍ଚସ୍ତରୀୟ କମିଟି ମଧ୍ୟ ଏହି ଆନ୍ତରିକ ତଦନ୍ତ ପ୍ରକ୍ରିୟା ଶେଷ କରିଛି ଏବଂ ଖୁବ୍‌ଶୀଘ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବ । ଏହି ମାମଲା ଏବେ ନୈନିତାଲ ହାଇକୋର୍ଟରେ ମଧ୍ୟ ପହଞ୍ଚିଛି, ଯେଉଁଠି କୋର୍ଟ ସରକାରଙ୍କ ଠାରୁ ଜବାବ ମାଗିଛନ୍ତି ।

## ଅଧ୍ୟକ୍ଷଙ୍କୁ ନିଲମ୍ବନ ; ୨ ଝିଅଙ୍କ ନିଯୁକ୍ତିକୁ ନେଇ ବିବାଦ ରାଜ୍ୟପାଳଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ସାରା ଯୁବବର୍ଗଙ୍କୁ ଚାକିରି ଯୋଗାଇବା ପାଇଁ ଲୋକସେବା ଆୟୋଗ ଦାୟୀ। ଏହାର ଅଧ୍ୟକ୍ଷ ନିରପେକ୍ଷ ଭାବରେ ନିଯୁକ୍ତି ପରୀକ୍ଷା ପରିଚାଳନା କରିବା ପାଇଁ ଉତ୍ତରଦାୟୀ। କିନ୍ତୁ, କର୍ଣ୍ଣାଟକରେ ଲୋକସେବା ଆୟୋଗର ଅଧ୍ୟକ୍ଷ ଅସତ୍ ଉପାୟରେ ତାଙ୍କ ଦୁଇ ଝିଅଙ୍କୁ ଚାକିରି ଦେଇଥିଲେ। କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କର୍ଣ୍ଣାଟକ ରାଜ୍ୟପାଳ ଥାଓ୍ୱରଚାନ୍ଦ ଗେହଲଟ୍ କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସସି)ର ଅଧ୍ୟକ୍ଷ ଶିବଶଙ୍କରପ୍ପା ଏସ. ସାହୁକାରଙ୍କୁ ନିଲମ୍ବିତ କରିଛନ୍ତି। ଅଭିଯୋଗ ହୋଇଛି ଯେ, ସେ ତାଙ୍କ ଦୁଇ ଝିଅଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦେବା ପାଇଁ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ। ଅଭିଯୋଗ ହୋଇଛି ଯେ ଅଧ୍ୟକ୍ଷ ତାଙ୍କ ଦୁଇ ଝିଅଙ୍କୁ 'ଔଦ୍ୟୋଗିକ ସମ୍ପ୍ରସାରଣ ଅଧିକାରୀ' ପଦବୀ ପାଇଁ ବେଆଇନ ଭାବରେ ଚୟନ କରିଥିଲେ। ନିୟମ ଅନୁଯାୟୀ ଯଦି କୌଣସି ଅଧିକାରୀଙ୍କର କୌଣସି ସମ୍ପର୍କୀୟ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ତେବେ ସେ ନିଜକୁ ପଦରୁ ହଟାଇବା ଉଚିତ୍। ତେବେ ସାହୁକାର ନିଜକୁ ପଦରୁ ହଟାଇ ନଥିଲେ କିମ୍ବା ତାଙ୍କ ଝିଅମାନେ ମଧ୍ୟ ପରୀକ୍ଷା ଦେଉଛନ୍ତି ବୋଲି କାହାକୁ ଜଣାଇ ନଥିଲେ। ଆୟ ପ୍ରମାଣପତ୍ରରେ ରାଜ୍ୟର ଲୋକସେବା ଆୟୋଗର ଅଧ୍ୟକ୍ଷ ତାଙ୍କ ପରିବାରର ବାର୍ଷିକ ଆୟ ମାତ୍ର ୪୦ ହଜାର ଟଙ୍କା ବୋଲି ଘୋଷଣା କରିଥିଲେ। କମ୍ ଆୟ ରିପୋର୍ଟ କରି ସେ ତଥ୍ୟ ଲୁଚାଇ'କ୍ରିମି ଲେୟାର'ର ଓବିସି ସଂରକ୍ଷଣର ସୁବିଧା ମଧ୍ୟ ନେଇଥିଲେ। ଯେତେବେଳେ ୨୦୦୨ ମସିହାର ଏକ ସରକାରୀ ନିୟମରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଲୋକସେବା ଆୟୋଗର ଅଧ୍ୟକ୍ଷଙ୍କ ପିଲାମାନେ ପଛୁଆ ବର୍ଗ ଅଧୀନରେ ସଂରକ୍ଷଣର ଲାଭ ପାଇପାରିବେ ନାହିଁ।ଦୁର୍ନୀତି ସମ୍ପର୍କରେ ଅଭିଯୋଗ ରାଜଭବନରେ ପହଞ୍ଚିବା ପରେ ରାଜ୍ୟପାଳ ଥାଓ୍ୱରଚାନ୍ଦ ଗେହଲଟ୍ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ତଦନ୍ତ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯିବ, ଯାହା ଫଳରେ ସେ ତଦନ୍ତକୁ ପ୍ରଭାବିତ କରିପାରିବେ ନାହିଁ। କମିସନର ସବୁଠାରୁ ବରିଷ୍ଠ ସଦସ୍ୟଙ୍କୁ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ସୁପାରିଶ କରିଛନ୍ତି ଯେ ସମ୍ବିଧାନର ଧାରା ୩୧୭(୧) ଅନୁଯାୟୀ ସମଗ୍ର ମାମଲାର ତଦନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା କରାଯାଉ।

## ମଧ୍ୟରାତ୍ରିରେ ଥରିଲା ବାରାମୁଲ୍ଲା

ନୂଆଦିଲ୍ଲୀ: ଭାରତ ସମେତ ସାରା ବିଶ୍ୱରେ ଭୂମିକମ୍ପର ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକଙ୍କୁ ଭୟଭୀତ କରିଛି । ନିକଟରେ ଅନେକ ଦେଶରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଛି । ଗତ କିଛି ଦିନ ମଧ୍ୟରେ ଭାରତର ବିଭିନ୍ନ ରାଜ୍ୟରୁ ଭୂମିକମ୍ପର ରିପୋର୍ଟ ଆସୁଛି । ଏହି କ୍ରମରେ ରବିବାର ଏବଂ ସୋମବାର ମଧ୍ୟବର୍ତ୍ତୀ ରାତିରେ କେନ୍ଦ୍ରଶାସିତ ପ୍ରଦେଶ ଜମ୍ମୁ ଏବଂ କାଶ୍ମୀରରେ ଭୂମିକମ୍ପ ଅନୁଭୂତ ହୋଇଛି ।

ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ରିପୋର୍ଟ କରିଛି ଯେ ସୋମବାର ଜମ୍ମୁ ଓ କାଶ୍ମୀରର ବାରାମୁଲ୍ଲା ଜିଲ୍ଲାରେ ଏକ ଭୂମିକମ୍ପ ହୋଇଥିଲା । ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୬ ମାପ କରାଯାଇଥିଲା । ରିପୋର୍ଟ ଅନୁସାରେ, ଭୂମିକମ୍ପ ପ୍ରାୟ ୨ ଟା ସମୟରେ ହୋଇଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଭୂମିରୁ ୧୦ କିଲୋମିଟର ତଳେ ଥିଲା । ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି କିମ୍ବା ମୃତାହତର ରିପୋର୍ଟ ମିଳିନାହିଁ । ଉଲ୍ଲେଖଯୋଗ୍ୟ ଯେ ଫେବୃଆରୀ ମାସରେ ପୂର୍ବରୁ ବାରାମୁଲ୍ଲା ଜିଲ୍ଲାରେ ୪.୬ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଅଞ୍ଚଳକୁ ଥରାଇ ଦେଇଥିଲା ।

## ବ୍ୟାଙ୍କକରେ ଥିବା ପବରେ ଭୟଙ୍କର ଅଗ୍ନିକାଣ୍ଡ, ୨୭ ମୃତ

ନୂଆଦିଲ୍ଲୀ: ଥାଇଲାଣ୍ଡ ବ୍ୟାଙ୍କକରେ ଥିବା ଚାଟୁଚାକ ଜିଲ୍ଲାର ପ୍ରସିଦ୍ଧ ପବ୍ 'ରଙ୍ଗ ବିୟର ନା ଲାଟ୍ ପ୍ରାଓ'ରେ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏଥିରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୩ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ପବ୍‌ର ମୁଖ୍ୟ ପ୍ରବେଶ ଦ୍ୱାରରୁ ପ୍ରବଳ ନିଆଁ ବାହାରୁଛି। ଜୀବନ ବିକଳରେ ଲୋକେ ବାହାରକୁ ଦୌଡୁଛନ୍ତି ଏବଂ ଚାରିଆଡ଼େ କଳା ଧୂଆଁ ଖେଳିଯାଇଛି । କିଛି ଲୋକଙ୍କ ପୋଷାକରେ ନିଆଁ ମଧ୍ୟ ଲାଗିଯାଇଛି । ଅଗ୍ନିଶମ ବାହିନୀର ବଡି-କ୍ୟାମେରା ଫୁଟେଜ୍ ଅନୁସାରେ, ପବ୍ ଭିତର ସମ୍ପୂର୍ଣ୍ଣ ଭାବେ ପୋଡ଼ି କଳା ପଡ଼ିଯାଇଛି । ଚେୟାର, ଟେବୁଲ ଏବଂ ବୋତଲଗୁଡ଼ିକ ଉପରେ ପାଉଁଶର ମୋଟା ଆସ୍ତରଣ ଜମି ରହିଛି । ପ୍ରବଳ ଉତ୍ତାପ ଯୋଗୁଁ ଛାତର କିଛି ଅଂଶ ଖସିପଡ଼ିଛି । ପବ୍ ବାହାରେ ସୁରକ୍ଷା କର୍ଡନ କରାଯାଇ ମୃତଦେହଗୁଡ଼ିକୁ ଧାଡ଼ି କରି ରଖାଯାଇଛି । ପ୍ରତ୍ୟକ୍ଷଦର୍ଶୀ ଏବଂ ସେଠାରୁ ବଞ୍ଚିଯାଇଥିବା ଲୋକଙ୍କ କହିବା ଅନୁସାରେ ପବ୍‌ରେ ପ୍ରଦର୍ଶନ ଚାଲିଥିବା ସମୟରେ ହଠାତ ଲାଇଟ୍ ଚାଲିଯାଇଥିଲା ଏବଂ ଷ୍ଟେଜ୍ ପାଖରେ ଥିବା ଏକ ସର୍କିଟ୍ ବ୍ରେକରରୁ ଧୂଆଁ ବାହାରିଥିଲା । ଏହା ପରେ ଏକ ଜୋରଦାର ବିସ୍ଫୋରଣ ହୋଇଥିଲା, ଯାହାଫଳରେ ଚାରିଆଡ଼େ ଅନ୍ଧାର ଏବଂ ଧୂଆଁ ହୋଇଯାଇଥିଲା । ପବ୍ ଭିତରେ ଥିବା ସାଜସଜ୍ଜା ସାମଗ୍ରୀ ଯୋଗୁଁ ନିଆଁ ଖୁବ୍ ଶୀଘ୍ର ବ୍ୟାପିଥିଲା ।

# ଆହୁରି ମହଙ୍ଗା ହେବ ପେଟ୍ରୋଲ-ଡିଜେଲ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆଶଙ୍କା । ଆମେରିକା-ଇରାନ ମୁହାଁମୁହିଁ ପରେ ବିଶ୍ୱ ବଜାରରେ ତେଲ ସଙ୍କଟ ! ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ବିଶ୍ୱ ଇନ୍ଧନ ବଜାରରେ ନିଆଁ ଲାଗିଯାଇଛି । ଆଜି ବଜାର ଖୋଲିବା ମାତ୍ରେ ଆନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତେଲ ମୂଲ୍ୟରେ ୪ ପ୍ରତିଶତର ବଡ଼ ଧରଣର ବୃଦ୍ଧି ରେକର୍ଡ କରାଯାଇଛି । ଦୁଇ ଦେଶ ମଧ୍ୟରେ ଲାଗିରହିଥିବା କ୍ରମାଗତ ସାମରିକ ଆକ୍ରମଣ ଓ ପଲଟା ଆକ୍ରମଣ ଯୋଗୁଁ ସମଗ୍ର ବିଶ୍ୱର ଶକ୍ତି ଯୋଗାଣ କ୍ଷେତ୍ରରେ ଏକ ବଡ଼ ସଙ୍କଟ ଦେଖାଦେଇଛି । ଏହି ସାରା ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ 'ଷ୍ଟ୍ରେଟ୍




ଅଫ୍ ହରମୁଜ୍' । ଦୁନିଆର ପ୍ରାୟ ୨୦% ଅଶୋଧିତ ତେଲ ଏହି ସଂକୀର୍ଣ୍ଣ ଜଳପଥ ଦେଇ ବିଭିନ୍ନ ଦେଶକୁ ପରିବହନ କରାଯାଇଥାଏ ।

ଆମେରିକା ସେନା ପକ୍ଷରୁ ଇରାନର ପ୍ରାୟ ୧୪୦ରୁ ଅଧିକ ସାମରିକ ଘାଟି ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଛି । ଏହାର ଜବାବରେ ଇରାନ ମଧ୍ୟ ସଂଯୁକ୍ତ ଆରବ ଏମିରେଟ୍ସ (ଟଇର), କତାର, କୁଏତ ଏବଂ ବାହାରିନ ଭଳି ଉପସାଗରୀୟ ଦେଶରେ ଥିବା ଆମେରିକା ଘାଟି ଉପରେ ମିସାଇଲ ମାଡ଼ କରିଛି । ଇରାନ ପକ୍ଷରୁ ହରମୁଜ୍ ପ୍ରଣାଳୀକୁ ବନ୍ଦ କରାଯିବାର ଧମକ ଏବଂ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ସାଗରୀୟ ବାଣିଜ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଭାରତ ଉପରେ ଏହାର ପ୍ରଭାବ: ଭାରତ ତା'ର ଆବଶ୍ୟକତାର ପ୍ରାୟ ୮୦-୮୫% ଅଶୋଧିତ ତେଲ ବିଦେଶରୁ ଆମଦାନୀ କରିଥାଏ ଯାହାର ଏକ ବଡ଼ ଭାଗ ଏହି ରୁଟ୍ ଦେଇ ଆସେ । ଯଦି ଏହି ତିକ୍ତତା ଦୀର୍ଘ ସମୟ ଧରି ଲାଗିରହେ ତେବେ ଭାରତୀୟ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ବହୁ ପରିମାଣରେ ବୃଦ୍ଧି ପାଇବା ଆଶଙ୍କା ରହିଛି । ଆନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୯ ଡଲାର ଉପରକୁ ଚାଲିଯାଇଛି । ମିଳିତ ଜାତିସଂଘର ମୁଖ୍ୟ ଆଣ୍ଟୋନିଓ ଗୁଟେରସ ଉଭୟ ଦେଶକୁ ସଂଯମତା ରକ୍ଷା କରିବାକୁ ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଜରୁରୀ ଅପିଲ୍ କରିଛନ୍ତି ।

# ଲର୍ଡସରେ ନୂଆ ଇତିହାସ ଲେଖିଲା ଭାରତୀୟ ମହିଳା ଦଳ

## ଧୂଳି ଚାଟିଲା ଇଂଲଣ୍ଡ, ୨୭୦ ଜିତିଲା ଭାରତ, କ୍ରାନ୍ତି ଗୌଡ଼ 'ମ୍ୟାଚର ଶ୍ରେଷ୍ଠ ଖେଳାଳି'

ଲଣ୍ଡନ,୧୩।୭(ଏଜେନ୍ସି): ନୂଆ ଇତିହାସ ଲେଖିଛି ଭାରତୀୟ ମହିଳା କ୍ରିକେଟ ଟିମ। ହରମନପ୍ରୀତ କୌରଙ୍କ ଭାରତ କ୍ରିକେଟର ମକ୍କାରେ ହାସଲ କରିଛି ଐତିହାସିକ ବିଜୟ। ୧୪୨ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଲର୍ଡସରେ ଖେଳାଯାଉଥିଲା ମହିଳା ଟେଷ୍ଟ। ଆଉ ଏହି ଐତିହାସିକ ମ୍ୟାଚ୍‌ରେ ବଡ ବିଜୟ ହାସଲ କରିଛି ଭାରତୀୟ ଟିମ। ଘରୋଇ ଇଂଲଣ୍ଡକୁ ୨୭୦ ରନରେ ହରାଇ ମହିଳା ଟେଷ୍ଟ କ୍ରିକେଟରେ ନିଜ ନାଁକୁ ସବୁ ଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲେଖିଛି ଭାରତ।

କ୍ରିକେଟର ମକ୍କା କୁହାଯାଉଥିବା ଲର୍ଡସ ମୈଦାନରେ ୧୮୮୪ ମସିହାରେ ପ୍ରଥମ ପୁରୁଷ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। କିନ୍ତୁ ଏଯାଏ କେବେ ବି ମହିଳା ଟେଷ୍ଟ ଏଠାରେ ଖେଳା ଯାଇ ନଥିଲା। କିନ୍ତୁ ଜୁଲାଇ ୧୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆରମ୍ଭ ହୋଇଥିଲା ଐତିହାସିକ ଟେଷ୍ଟ। ସମସ୍ତଙ୍କୁ ଜଳକା କରି ଭାରତୀୟ ଟିମ ଘରୋଇ ଇଂଲଣ୍ଡକୁ ଧୂଳି ଚଟାଇ ଦେଇଛି।

ଭାରତର ୱିକେଟ କିପର ବ୍ୟାଟର ଯାସ୍ତିକା ଭାଟିଆ ଲର୍ଡସ ମୈଦାନରେ ଟେଷ୍ଟ ଶତକ ହାସଲ କରିବାରେ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ହୋଇଛନ୍ତି। ସେ ଦ୍ୱିତୀୟ ଇନିଂସରେ ଚମତ୍କାର ୧୧୩ ରନର ଇନିଂସ ଖେଳି ନିଜ ନାମକୁ ଲର୍ଡସର ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଛନ୍ତି। କ୍ରିକେଟର ଏହି ସମ୍ମାନଜନକ ଷ୍ଟାଡିୟମର 'ଅନର ବୋର୍ଡ' ରେ ପ୍ରଥମ ଥର ପାଇଁ ମହିଳା ଖେଳାଳିମାନଙ୍କ ନାମ ସ୍ଥାନ ପାଇଛି।

ଯାସ୍ତିକାଙ୍କ ପୂର୍ବରୁ ବୋଲିଂରେ ଭାରତର କ୍ରାନ୍ତି ଗୌଡ ୫ ୱିକେଟ ନେଇଥିଲେ। ତେଣୁ 'ଅନର ବୋର୍ଡ'ରେ କ୍ରାନ୍ତି ଗୌଡ ଓ ଯାସ୍ତିକା ଉଭୟ ନିଜ ନାଁ ଲେଖି ପାରିଛନ୍ତି। ସେହିପରି ଇଂଲଣ୍ଡର ସ୍ପିନର ସୋଫି ଏକେଲଷ୍ଟୋନ୍ ମଧ୍ୟ ଗୋଟିଏ ଇନିଂସରେ ୫ଟି ୱିକେଟ ନେଇ ଅନର୍ସ ବୋର୍ଡରେ ସାମିଲ ହୋଇଛନ୍ତି।




ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପ୍ରଥମ ଇଂନିସରେ ସ୍ମୃତି ମନ୍ଧାନା ୮୩, ଅଧିନାୟକ ହରମନପ୍ରୀତ କୌରଙ୍କ ୫୮ ଓ ଅଭିଜ୍ଞ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ୫୭ ରନ ବଳରେ ୨୮୫ ରନ କରି ପାରିଥିଲା। ଇଂଲଣ୍ଡ ପକ୍ଷରୁ ସୋଫି ସର୍ବାଧିକ ୩ଟି ୱିକେଟ ପାଇଥିଲେ।

ଲାଗୁଥିଲା ଇଂଲଣ୍ଡ ଲର୍ଡସରେ ଭାରତର ପ୍ରଥମ ଇନିଂସ ତୁଳନାରେ ବଡ ଲିଡ ହାସଲ କରିନେବ। କିନ୍ତୁ କ୍ରାନ୍ତି ଗୌଡ ଆରମ୍ଭରୁ ଇଂଲିଶ ଟିମକୁ ଘାଣ୍ଟିଥିଲେ। ସେ ନିଜ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳୁଥିବା ଟାମୀ ବେମାଉଣ୍ଟଙ୍କୁ ୨ ରନରେ ଆଉଟ କରି ନିଜର ଖାତା ଖୋଲିଥିଲେ। ଏହାପରେ ସେ ଜଣଙ୍କ ପରେ ଜଣେ ଇଂଲଣ୍ଡ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇଥିଲେ।

ତାଙ୍କୁ ସ୍ନେହ ରାଣା ଓ ସାୟାଳି ସତଘାରେ ଭରପୂର ସାଥ ଦେଇଥିଲେ। ଇଂଲଣ୍ଡ ପାଇଁ ଅଧିନାୟକ ନାଟ ସ୍କିଭର ବ୍ରଣ୍ଟ(୪୪) ଓ ଆମୀ ଜୋନ୍ସ(୫୨) ଲିଥିଲେ ହେଁ ଦଳ କେବଳ ୧୭୦ ରନ କରିପାରିଥିଲା। କ୍ରାନ୍ତି ଗୌଡ ୫ଟି ୱିକେଟ ନେଇଥିବା ବେଳେ ସାୟାଳି ଓ ରାଣା ଦୁଇଟି ଲେଖାଏ ସଫଳତା ପାଇଥିଲେ। ସେହିପରି ଦୀପ୍ତି ଶର୍ମାଙ୍କୁ ଗୋଟିଏ ୱିକେଟ ମିଳିଥିଲା।

ପ୍ରଥମ ଇନିଂସରେ ୧୦୫ ରନ ଲିଡ ପାଇଥିବା ଭାରତ ଦ୍ୱିତୀୟ ଇନିଂସରେ ଆହୁରି ଦମଦାର ବ୍ୟାଟିଂ କରିଥିଲା। ଯାସ୍ତିକାଙ୍କ ୧୧୩ ରନ ସହ ସ୍ମୃତି ମନ୍ଧାନାଙ୍କ ୭୦, ଶେଫାଳୀ ବର୍ମାଙ୍କ ୩୩ ଓ ଶେଷ ଭାଗରେ ୫୨ ବଳରେ ରିଚା ଘୋଷଙ୍କ ୫୦ ରନ ବଳରେ ୩୪୧ ରନ କରିନେଇଥିଲା। ଦଳ ଏହି ସମୟରେ ୭ ୱିକେଟ ହରାଇଥିଲେ ହେଁ କୌର ପାଳି ଘୋଷଣା କରି ଦେଇଥିଲେ। ତେଣୁ ଇଂଲଣ୍ଡକୁ ରେକର୍ଡ ୪୪୭ ରନର ଟାର୍ଗେଟ ମିଳିଥିଲା।

ତୃତୀୟ ଦିନରେ ଚେଜ କରିବାକୁ ଓହ୍ଲାଇଥିବା ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ତୃତୀୟ ଦିନର ଖେଳ ଶେଷ ବେଳକୁ ୬ ୱିକେଟ ହରାଇ କେବଳ ୧୩୦ ରନ କରିଥିଲା। ଆମୀ ଜୋନ୍ସ ପ୍ରଥମ ଇନିଂସ ଭଳି ଦ୍ୱିତୀୟ ପାଳିରେ ମଧ୍ୟ ୫୦ ରନ କରିଥିଲେ।

ଆଜି ଇଂଲଣ୍ଡ ଶେଷ ଦିନରେ ବ୍ୟାଟିଂ ଆରମ୍ଭ କରିଥିଲେ ହେଁ ଆରମ୍ଭରୁ ଜୋନ୍ସଙ୍କୁ ହରାଇଥିଲା। ତାଙ୍କୁ ସ୍ନେହ ରାଣା ଆଉଟ କରି ଇଂଲଣ୍ଡକୁ ୭ମ ଝଟକା ଦେଇଥିଲେ। ଜୋନ୍ସ ଆଉଟ ହୋଇଥିଲେ ହେଁ ସୋଫି ଲଢ଼ େକରିଥିଲେ।

ହେଲେ ଅନ୍ୟପଟେ ତାଙ୍କୁ କେହି ବି ସାଥ ଦେଇ ନଥିଲେ। ଇସୀ ୟଙ୍ଗ ୩୩ ବଲର ସାମ୍ନା କରିଥିଲେ ହେଁ କେବଳ ୧ ରନ କରି ଦୀପ୍ତି ଶର୍ମାଙ୍କ ବଲରେ ବୋଲ୍ଡ ହୋଇଥିଲା। ଲାଉରା ବେଲ ଖାତା ଖୋଲିବା ପୂର୍ବରୁ ଦୀପ୍ତି ଶର୍ମାଙ୍କ ଶିକାର ବନିଥିଲେ। ଇଂଲଣ୍ଡ ମହିଳା ଦଳ ୧୫୯ ରନରେ ୯ ୱିକେଟ ହରାଇଥିଲା।

ଏହାପରେ ସୋଫି ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ। ଶେଷ ୱିକେଟ ପାଇଁ ସେ ଲାଉରେନ ଫିଲେରଙ୍କୁ ସାଥୀ କରି ଇନିଂସକୁ ଆଗକୁ ନେଇଥିଲେ। ଏଥିସହ ନିଜ ଟେଷ୍ଟ କ୍ୟାରିୟରରେ ପ୍ରଥମ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ହେଲେ ଏହାପରେ ସେହି ୫୦ ରନରେ ତାଙ୍କୁ ସ୍ନେହ ରାଣା ବୋଲ୍ଡ କରି ଇଂଲଣ୍ଡ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୮୬ ରନ କରିବାରୁ ଭାରତ ମଧ୍ୟ ୨୭୦ ରନରେ ଲର୍ଡସ ଟେଷ୍ଟକୁ ଜିତି ନେଇଛି।

ଦ୍ୱିତୀୟ ଇନିଂସରେ ଭାରତ ପାଇଁ ରାଣା ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଦୀପ୍ତି, ସାୟାଳି ଓ କ୍ରାନ୍ତି ୨ଟି ଲେଖାଏ ୱିକେଟ ପାଇଛନ୍ତି।

ବେମାଉଣ୍ଟ ଓ ହେଥର ନାଇଟ୍ ଲର୍ଡସରେ ନିଜ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍ ପରେ ଉଭୟ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ହେଲେ ନିଜ ଶେଷ ମ୍ୟାଚରେ ବେମାଉଣ୍ଟ ଯଥାକ୍ରମେ ୨ ଓ ଶୂନ କରିଛନ୍ତି। ହେଥର ନାଇଟ ପ୍ରଥମ ଇନିଂସରେ ୬ ରନ ଓ ଦ୍ୱିତୀୟ ଇନିଂସରେ କେବଳ ୧୩ ରନ କରିପାରିଛନ୍ତି।

# ଆଜି ପ୍ରଥମ ଦିନିକିଆ : ବଦ୍‌ଲା ଚକ୍କରରେ ଭାରତ

ବର୍ମିଂହାମ,୧୩।୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଆସନ୍ତକାଲି ଖେଳାଯିବ। ଏହି ରୋମାଞ୍ଚକର ମ୍ୟାଚ୍ ବର୍ମିଂହାମର ଏଜବାଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଗ୍ରାଉଣ୍ଡରେ ଟିମ୍ ଇଣ୍ଡିଆ ଏପର୍ଯ୍ୟନ୍ତ ୧୨ଟି ଦିନିକିଆ ଖେଳି ୮ଟିରେ ବିଜୟ ହାସଲ କରିଛି। ଏଠାରେ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୨୮ ରନ୍‌ରେ ହରାଇଥିଲା, କିନ୍ତୁ ଇଂଲଣ୍ଡ ବିପକ୍ଷ ଶେଷ ମ୍ୟାଚ୍‌ରେ ଭାରତକୁ ୩୧ ରନ୍‌ରେ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଭାରତୀୟ ସମୟ ଅନୁସାରେ ଏହି ମ୍ୟାଚ୍ ଅପରାହ୍ନ ୩:୩୦ରେ ଆରମ୍ଭ ହେବ ଏବଂ ଅପରାହ୍ନ ୩:୦୦ଟାରେ ଟସ୍ ପଡ଼ିବ। ପ୍ରଶଂସକମାନେ ଏହି ମ୍ୟାଚ୍‌ର ସିଧାପ୍ରସାରଣ ଟିଭିରେ ସୋନି ସ୍ପୋର୍ଟସ ନେଟୱର୍କ ଚ୍ୟାନେଲ୍‌ରେ ଦେଖିପାରିବେ। ମୋବାଇଲରେ ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ଦିନିକିଆ ସିରିଜର ସିଧା ପ୍ରସାରଣ ଦେଖି ପାରିବେ।

**ସ୍ଥାନ-ବର୍ମିଂହାମ**
**ସମୟ-ଅପରାହ୍ନ ୩ଟା**




ଟି-୨୦ ସିରିଜ୍‌ରେ କ୍ଲିନ୍ ସ୍ୱିପ୍‌ର ସମ୍ମୁଖୀନ ହେବା ପରେ ଏବେ ଦିନିକିଆ ଫର୍ମାଟରେ ଜବାବ ଦେବାକୁ ପ୍ରସ୍ତୁତ ଟିମ୍ ଇଣ୍ଡିଆ। ଆସନ୍ତକାଲି ପ୍ରଥମ ଦିନିକିଆ ଅନୁଷ୍ଠିତ ହେବ। ଟି-୨୦ରେ ବିଜୟୀ ହୋଇଥିଲେ ସୁଦ୍ଧା ଇଂଲଣ୍ଡ ଦଳ ଭଲ ଭାବେ ଜାଣିଛି ଯେ ଦିନିକିଆରେ ଭାରତକୁ ହରାଇବା ସହଜ ହେବନାହିଁ। କାରଣ ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳକୁ ଫେରୁଛନ୍ତି ଦୁଇ ମହାନ କ୍ରିକେଟର ବିରାଟ କୋହଲି ଓ ରୋହିତ ଶର୍ମା। ଏହାସହ ବ୍ରେକ୍ ପରେ ତାରକା ବୋଲର ଯଶପ୍ରୀତ ବୁମରା ମଧ୍ୟ ବୋଲିଂ ବାହିନୀର ମଙ୍ଗ ଧରିବେ। ତେଣୁ ପ୍ରଶଂସକମାନେ ଆଶା ରଖିଛନ୍ତି ଯେ ଟି-୨୦ ପରାଜୟର ପ୍ରତିଶୋଧ ଦିନିକିଆରେ ନେବ ଭାରତ। ଶୁଭମନ ଗିଲ୍ ଦଳର ଅଧିନାୟକ ଥିବା ବେଳେ ଶ୍ରେୟସ ଆୟର ଉପ-ଅଧିନାୟକ ଦାୟିତ୍ୱରେ ଅଛନ୍ତି।

ଭାରତୀୟ ଦିନିକିଆ ଦଳରେ କ୍ୟାପଟେନ ଶୁଭମନ ଗିଲ୍‌ଙ୍କ ସମେତ ଏଭଳି ୭ ଜଣ ଖେଳାଳି ଅଛନ୍ତି, ଯେଉଁମାନେ ଟି-୨୦ ସିରିଜ୍‌ର ଅଂଶ ନଥିଲେ। ଏଥିରେ ରୋହିତ ଶର୍ମା ଏବଂ ବିରାଟ କୋହଲି ସାମିଲ ଅଛନ୍ତି, ଯେଉଁମାନେ ଏବେ କେବଳ ଦିନିକିଆ ଫର୍ମାଟ୍ ଖେଳୁଛନ୍ତି। ବୋଲିଂରେ ଯଶପ୍ରୀତ ବୁମରାଙ୍କ ସହ ଯୁବ ବୋଲର ଗୁରନୁର ବରାର ମଧ୍ୟ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ୯୬୭ ଦିନ ମଧ୍ୟରେ ପ୍ରଥମ ଥର ପାଇଁ, ରୋହିତ ଶର୍ମା, ବିରାଟ କୋହଲି ଏବଂ ଜସପ୍ରୀତ ବୁମରା ଟିମ ଇଣ୍ଡିଆ ପାଇଁ ଏକାଠି ଦିନିକିଆ କ୍ରିକେଟ ଖେଳିବାର ଦେଖାଯିବେ। ଏହି କାରଣରୁ ବର୍ମିଂହାମ ଦିନିକିଆ ପ୍ରତି ଆଗ୍ରହ ବୃଦ୍ଧି ପାଇଛି।ରୋହିତ, ବିରାଟ ଏବଂ ବୁମରା-ଭାରତୀୟ କ୍ରିକେଟର ଏହି ତ୍ରିମୂର୍ତ୍ତୀ ଶେଷ ଥର ପାଇଁ ୧୯ ନଭେମ୍ବର ୨୦୨୩ରେ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବିଶ୍ୱକପ ଫାଇନାଲ ସମୟରେ ଏକାଠି ଏକ ଦିନିକିଆ ମ୍ୟାଚ ଖେଳିଥିଲେ। ଏରେ ଅଷ୍ଟ୍ରେଲିଆ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା।ଏବେ ୯୬୭ ଦିନର ବ୍ୟବଧାନ ପରେ ଏହି ତ୍ରିମୂର୍ତ୍ତୀ ପୁଣିଥରେ ବର୍ମିଂହାମର ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ କାର୍ଯ୍ୟରେ ଦେଖାଯିବେ। ଆଶା କରାଯାଉଛି ଯେ, ସେମାନେ ଟିମ ଇଣ୍ଡିଆକୁ ଦିନିକିଆ ସିରିଜ ଜିତିବାରେ ଏବଂ ଟି୨୦ ସିରିଜ ନିରାଶା ପରେ ନିଜକୁ ମୁକ୍ତ କରିବାରେ ସାହାଯ୍ୟ କରିବେ। ୨୦୨୩ ଦିନିକିଆ ବିଶ୍ୱକପ ପରଠାରୁ, ଏହି ତିନିଜଣ ଏକାଠି ଦିନିକିଆ ନ ଖେଳିବାର କାରଣ ଆଘାତ ଠାରୁ ଆରମ୍ଭ କରି କାର୍ଯ୍ୟଭାର ପରିଚାଳନା ପର୍ଯ୍ୟନ୍ତ ରହିଛି।

# ଇଂଲଣ୍ଡ ଟେଷ୍ଟ କୋଚ୍ ଦୌଡ଼ରେ ଦ୍ରାବିଡ

ନୂଆଦିଲ୍ଲୀ,୧୩।୬: ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଖେଳାଳି ରାହୁଲ ଦ୍ରାଭିଡଙ୍କୁ ମିଳିପାରେ ବଡ ଦାୟିତ୍ୱ। ଇଂଲଣ୍ଡ ଟେଷ୍ଟ ଟିମର ମୁଖ୍ୟ କୋଚ ହେବା ଦୌଡରେ ରାହୁଲ ଦ୍ରାଭିଡ ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ନିକଟରେ ବ୍ରେଣ୍ଡନ ମ୍ୟାକକୁଲମ ଇଂଲଣ୍ଡ ଟେଷ୍ଟ ଟିମର ମୁଖ୍ୟ କୋଚ ପଦ ଛାଡିଥିଲେ। ଏହାପରେ ଇଂଲଣ୍ଡ ଟେଷ୍ଟ ଟିମର କୋଚ କିଏ ହେବ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଡେଲୀ ଗ୍ରାଫରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ ଇଂଲଣ୍ଡ ଟେଷ୍ଟ ଟିମର ମୁଖ୍ୟ କୋଚ ପଦ ପାଇଁ ଇସିବି ଗୋଟିଏ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରିଛି। ଏଥିରେ ରାହୁଲ ଦ୍ରାଭିଡଙ୍କ ନାଁ ରହିଛି। ତାଙ୍କ ବ୍ୟତୀତ ଇଂଲଣ୍ଡର ପୂର୍ବତନ କୋଚ ଆଣ୍ଡୀ ଫ୍ଲାୱାର ଓ ଦେଶର ପୂର୍ବତନ ସ୍ପିନର ରିଜାର୍ଡ ଡାୱସନଙ୍କ ନାଁ ମଧ୍ୟ ରହିଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ଇସିବି ଟେଷ୍ଟ ଟିମର ମୁଖ୍ୟ କୋଚ ଦାୟିତ୍ୱ ଦେଇପାରେ।



ରିପୋର୍ଟ ଅନୁସାରେ, ଦ୍ରାବିଡ଼ଙ୍କ କୋଚିଂ ଶୈଳୀ ଓ ସବୁ ଫର୍ମାଟ୍‌ରେ ଥିବା ଅନୁଭବ ଯୋଗୁ ସେ ଇଂଲଣ୍ଡ ଟେଷ୍ଟ ଟିମର ମୁଖ୍ୟ କୋଚ ହେବା ଦୌଡରେ ରହିଛନ୍ତି। ୫୩ ବର୍ଷୀୟ ଦ୍ରାବିଡଙ୍କ କୋଚିଂଙ୍କ ନେତୃତ୍ୱରେ ଭାରତୀୟ ଟିମ ୨୦୨୪ରେ ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିଥିଲା। ସେହିପରି ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟଶିପ୍‌ର ଫାଇନାଲ୍‌ରେ ପହଞ୍ଚିଥିଲା।

ଭାରତର ସିନିୟର ଓ ଜୁନିୟର ବର୍ଗର ସହ କାମ କରି ସେ ବେଶ ପ୍ରଶଂସା ସାଉଁଟିଛନ୍ତି। ଦ୍ରାଭିଡ ପୁଣିଥରେ ପୂର୍ଣ୍ଣକାଳୀନ କୋଚିଂ ଦାୟିତ୍ୱ ନେବାକୁ ଆଗ୍ରହ ଇଚ୍ଛୁକ ନାହାନ୍ତି। ହେଲେ ଟେଷ୍ଟ ଦଳର କୋଚିଂ ଦାୟିତ୍ୱ ମିଳିଲେ ସେ ଏହାକୁ ବିଚାରକୁ ନେଇ ପାରନ୍ତି ବୋଲି ରିପୋର୍ଟରେ ଦାବି କରାଯାଇଛି। ଡେଲୀ ଟେଲିଗ୍ରାଫର ରିପୋର୍ଟରେ ଆହୁରି କୁହାଯାଇଛି ଯେ ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡୀ ଫ୍ଲାୱାର ମଧ୍ୟ ଏହି ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ପୂର୍ବରୁ ଫ୍ଲାୱାର ଏକଦା ଇଂଲଣ୍ଡର କୋଚ ଦାୟିତ୍ୱରେ ଥିଲେ। ତାଙ୍କ କୋଚିଂରେ ଇଂଲଣ୍ଡ ତିନୋଟି ଆଶେସ୍ ସିରିଜ୍ ବିଜୟ ସହ ଟେଷ୍ଟରେ ନମ୍ବର ୧ ମାନ୍ୟତା ପାଇଥିଲା। ଏଥିସହ ଫ୍ରାଞ୍ଚାଇଜ୍ କ୍ରିକେଟରେ ମଧ୍ୟ ତାଙ୍କର ଦମଦାର ରେକର୍ଡ ରହିଛି। ବର୍ତ୍ତମାନ ଗ୍ଲାମୋର୍ଗନର ମୁଖ୍ୟ କୋଚ୍ ଥିବା ରିଚାର୍ଡ ଡସନ ମଧ୍ୟ କାଉଣ୍ଟୀ କ୍ରିକେଟରେ ଜଣେ ଚତୁର ରଣନୀତିକାର ଭାବେ ସୁନାମ ଅର୍ଜନ କରିବା ପରେ ଏହି ଦୌଡ଼ରେ ସାମିଲ ଅଛନ୍ତି। ଆଶେସ ସିରିଜ୍ ପୂର୍ବରୁ ଇଂଲଣ୍ଡ ନୂଆ ଟେଷ୍ଟ କୋଚ୍ ସନ୍ଧାନରେ ଥିବା ବେଳେ ଶ୍ରୀଲଙ୍କାର ମହାନ ଖେଳାଳି କୁମାର ସାଙ୍ଗାକାରା, ଇଂଲଣ୍ଡ ଲାୟନ୍ସର କୋଚ୍ ଆଣ୍ଡ୍ରୁ ଫ୍ଲିଣ୍ଟଫ୍, ପାକିସ୍ତାନର ମୁଖ୍ୟ କୋଚ୍ ମାଇକ୍ ହେସନ୍ ଓ ଅଷ୍ଟ୍ରେଲିଆର ପୂର୍ବତନ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ନାମ ଉପରେ ମଧ୍ୟ ଇସିବି ବିଚାର କରୁଛି।

## ବିବାଦରେ ଅଷ୍ଟ୍ରେଲିଆ କ୍ରିକେଟ ଟିମ୍

# ସାଥୀ ଖେଳାଳିଙ୍କ ପାଇଁ ପତ୍ନୀଙ୍କୁ ଧୋକା ଦେଲେ ଗାର୍ଡନର

ମେଲବୋର୍ଣ୍ଣ,୧୩।୭: ଗୋଟିଏ ଅସ୍ୱାଭାବିକ ବିବାଦରେ ଫସିଛି ଅଷ୍ଟ୍ରେଲୀୟ ମହିଳା କ୍ରିକେଟ। ନିକଟରେ ବିଶ୍ୱକପ ଜିତିଥିବା ଅଷ୍ଟ୍ରେଲିଆ ମହିଳା ଟିମର ଷ୍ଟାର ଅଲରାଉଣ୍ଡର ଆସେଲ ଗାର୍ଡନରଙ୍କୁ ନେଇ ଆସିଛି ସାଂଘାତିକ ଖବର। ସମଲିଙ୍ଗୀ ବିବାହ କରିଥିବା ଗାର୍ଡନରଙ୍କ ପତ୍ନୀ ମୋନିକା ରାଇଟ ତାଙ୍କ ବିରୋଧରେ ଆଣିଛନ୍ତି ଧୋକାଦାରିର ଅଭିଯୋଗ।ଅଷ୍ଟ୍ରେଲିଆ ମହିଳା ଟିମର ଅନ୍ୟତମ ଖେଳାଳି ଜର୍ଜିଆ ଭଲଙ୍କ ପାଇଁ ଗାର୍ଡେନର ତାଙ୍କୁ ଧୋକା ଦେଇଛନ୍ତି। ଭଲଙ୍କ ସହ ଗାର୍ଡନରଙ୍କ ଅନୈତିକ ସମ୍ପର୍କ ଥିବା ମୋନିକା ରାଇଟ ଅଭିଯୋଗ କରିବା ପରେ ଝଡ ସୃଷ୍ଟି ହୋଇଛି।





ଜଣେ ସାଥୀ ଖେଳାଳିଙ୍କ ପାଇଁ ଗାର୍ଡନରଙ୍କ ବିବାହ ଭାଙ୍ଗି ସାରିଥିବା ଡେଲୀ ମେଲ୍ ରିପୋର୍ଟ କରିବା ପରେ ମୋନିକା ରାଇଟ ସିଧାସଳଖ ଠକେଇ କଥା କହିଛନ୍ତି। ପ୍ରଥମେ ସାଥୀ ଖେଳାଳିଙ୍କ ନାଁ ଡେଲୀ ମେଲ୍ କହି ନଥିଲା। କିନ୍ତୁ ମୋନିକା ଏକାଧିକ ଇନଷ୍ଟାଗ୍ରାମ ପୋଷ୍ଟରେ ଜର୍ଜିଆ ଭଲଙ୍କ ଫଟୋ ଶେୟାର କରିଛନ୍ତି। ଭଲଙ୍କ ପାଇଁ ଗାର୍ଡନର ତାଙ୍କୁ ଛାଡି ଦେଇଥିବା ମୋନିକା ସିଧାସିଧା ସମସ୍ତଙ୍କୁ ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ଭଲ୍‌ଙ୍କ ଏକ ଫଟୋ ଶେୟାର କରି ରାଇଟ୍ ଲେଖିଛନ୍ତି ଯେ ଡେଲି ମେଲର ରିପୋର୍ଟ ଅତ୍ୟନ୍ତ ଅସ୍ୱଚ୍ଛ ଥିଲା। ଏହାପରେ ସେ ଗାର୍ଡନରଙ୍କ ବୈବାହିକ ଜୀବନ ଭାଙ୍ଗିବା ପଛରେ ଏହି ଅଷ୍ଟ୍ରେଲୀୟ ବ୍ୟାଟର ସମ୍ପୃକ୍ତ ଥିବା ନେଇ ସିଧାସଳଖ ଦାବି କରିଛନ୍ତି। ଏହି ସୋଶାଲ ମିଡିଆ ପୋଷ୍ଟ ଅଷ୍ଟ୍ରେଲୀୟ କ୍ରିକେଟ୍ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଅଷ୍ଟ୍ରେଲୀୟ ମହିଳା କ୍ରିକେଟ ଟିମର ଦୁଇ ଜଣଙ୍କ ଖେଳାଳିଙ୍କୁ ଏହି ଘଟଣା ବିବାଦ ସୃଷ୍ଟି କରିଛି। ଡେଲୀ ମେଲର ରିପୋର୍ଟ ଅନୁସାରେ, ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ସମୟରେ ଗାର୍ଡନର ଓ ରାଇଟ୍‌ଙ୍କ ବୈବାହିକ ଜୀବନରେ ତିକ୍ତତା ଆରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ସମୟରେ ରାଇଟ୍ ଭାରତ ଆସିଥିଲେ। ହେଲେ ଗାର୍ଡନର ତାଙ୍କ ସହ ଠିକ ଭାବେ ବ୍ୟବହାର କରି ନଥିଲେ। ତାଙ୍କ ବ୍ୟବହାର ଆଗରୁ ସ୍ୱାଭାବିକ ନଥିଲା। ତଥାପି ଉଭୟ ଏକାଠି ରହିଥିଲେ। ଇନ୍‌ଦୋରର ବିଭିନ୍ନ ସ୍ଥାନରେ ମଧ୍ୟ ସେମାନଙ୍କୁ ଏକାଠି ଦେଖିବାକୁ ମିଳିଥିଲା।

ବିଶ୍ୱକପ୍ ଶେଷ ହେବା ପରେ ଗାର୍ଡନର ସିଡନୀ ଫେରିଥିଲେ। ସିଡ୍‌ନୀ ଫେରିବା ପରେ ରାଇଟ୍‌ଙ୍କୁ ଗାର୍ଡନର କହିଥିଲେ ଯେ ସେମାନଙ୍କ ସମ୍ପର୍କରେ କିଛି ପରିବର୍ତ୍ତନ ଆସିଛି। ଶେଷରେଏହା ସେମାନଙ୍କ ବିବାହ ବିଚ୍ଛେଦର କାରଣ ସାଜିଥିଲା। ଗାର୍ଡନର ନଭେମ୍ବର ମାସରେ ଉଭୟଙ୍କ ସିଡନୀ ସ୍ଥିତ ଘର ଛାଡ଼ି ଚାଲିଯାଇଥିଲେ। ଏହି ସମୟରେ ସେ ସେଠାରେ ତାଙ୍କ ବିବାହ ମୁଦିକୁ ରଖି ଦେଇଥିଲା। ଏହି ବିଚ୍ଛେଦ ବର୍ତ୍ତମାନ ଅଷ୍ଟ୍ରେଲୀୟ ଡ୍ରେସିଂ ରୁମରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ସେହିପରି ବିବାହ ବିଚ୍ଛେଦ ପରେ ମଧ୍ୟ ଅଷ୍ଟ୍ରେଲୀୟ ଟିମର କିଛି ଖେଳାଳିଙ୍କ ସହ ରାଇଟ୍ ଯୋଗାଯୋଗରେ ରହିଥିବା କୁହାଯାଉଛି। ଏତେ ସବୁ ଘଟଣା ଘଟିଥିଲେ ହେଁ କ୍ରିକେଟ୍ ଅଷ୍ଟ୍ରେଲିଆ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ୨୯ ବର୍ଷୀୟା ଗାର୍ଡନର ଅଷ୍ଟ୍ରେଲିଆ ମହିଳା ଟିମର ଜଣେ ବରିଷ୍ଠ ଖେଳାଳି ଓ ଚଳିତ ବର୍ଷ ଆରମ୍ଭରେ ତାହିଲିଆ ମ୍ୟାକଗ୍ରାଙ୍କ ସହ ତାଙ୍କୁ ଜାତୀୟ ଦଳର ସହ-ଉପଅଧିନାୟକ ଭାବେ ନିଯୁକ୍ତ କରାଯାଇଥିଲା। ଏହା ସହିତ ସେ ଆଇସିସି ମହିଳା ଦିନିକିଆ ପ୍ଲେୟାର ଅଫ୍ ଦି ଇୟର ଭାବେ ମଧ୍ୟ ମନୋନୀତ ହୋଇଥିଲେ।

## ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ

# ଫାଇନାଲରେ ଜଟଣୀ ଓ ଖୋର୍ଦ୍ଧା

ଖୋର୍ଦ୍ଧା,୧୩।୭: ଖୋର୍ଦ୍ଧା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମ ଠାର ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ ର ଆଜିର ପ୍ରଥମ ମ୍ୟାଚ ରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ବି ଏସ ଏ ଭାଲିଆବାଡି କୁ ୪ ୱିକେଟ ରେ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଛି । ଭାଲିଆବାଡି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରୁ ୧୪୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରୂପକ ଜେନା ସର୍ବାଧିକ ୪୨ ରନ ଓ ସଂଗ୍ରାମ ସାମନ୍ତରାୟ ୩୨ରନ କରିଥିଲେ। ଜଟଣୀ ଦଳ ସୁମିତ ମହାରଣା ହ୍ୟାଟ୍ରିକ ୱିକେଟ ସହ ୪ ୱିକେଟ ନେଇଥିଲେ । ଜବାବରେ ଜଟଣୀ ଦଳ ୧୯ ଓଭର ରେ ୬ ଟି ୱିକେଟ ହରାଇ ଆବଶ୍ୟକ ୧୪୨ ରନ ସଂଗ୍ରହ କରିନେଇଥିଲେ।ଜଟଣୀ ଦଳ ତରଫରୁ ସନ୍ଦୀପ ପାଇକରାୟ ସର୍ବାଧିକ ୬୬ ରନ ଓ ରଂଜିତ ପାଇକରାୟ ୩୭ ରନ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ସନ୍ଦୀପ ପାଇକରାୟ ଙ୍କୁ ଓ ସୁମିତ ମହାରଣା ୪ ଟି ୱିକେଟ ପାଇଁ ଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଓ ୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଅଜିତ ସାମନ୍ତରାୟ ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ ରେ ଇଗଲ ଇଂଭିନ୍ସିବଲ ଖୋର୍ଦ୍ଧା କଳିଙ୍ଗସ କୁ ୫୬ ରନ ରେ ପରାସ୍ତ କରିଛି। ଇଗଲ କ୍ଲବ ପ୍ରଥମେ ବ୍ୟାଟିଂ କରି ସ୍ୱର୍ଣ୍ଣବ ଦାସ ଙ୍କ ୪୩ ରନ,ଓମ ଅର୍ପିତ ମହାପାତ୍ର ଙ୍କ ୩୮ ଓ ଅମର ଜିତ ଙ୍କ ୩୩ ରନ ସହାୟତା ରେ ନିର୍ଦ୍ଧାରିତ ୧୬ ଓଭର ରେ ୫ ୱିକେଟ ହରାଇ ୧୫୮ ରନ କରିଥିଲେ।




ପ୍ରତ୍ୟୁତରରେ ଖୋର୍ଦ୍ଧା କଳିଙ୍ଗସ ୧୦୨ ରନ ରେ ସମସ୍ତ ୱିକେଟ ହରାଇ ସୀମିତ ରହିଥିଲେ।ଖେଳ କୁ ପ୍ରୀତିରଞ୍ଜନ ବିଜୟସିଂ,ଚନ୍ଦ୍ରମୋହନ ବରାଳ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କ ?ରର ଥିଲେ। ଚଣ୍ଡୀପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା, କାଜଲ ବଳିୟାରସିଂ, ବ୍ରିଜେଶ ପ୍ରଧାନ, ସୁଧୀର କୁମାର ସାହୁ ଉତ୍ପଳ ବେହେରା, ସତୀଶ ବେହେରା ପ୍ରମୁଖ ମ୍ୟାଚ ର ସଂଯୋଜନା କରିଥିଲେ। ୧୪/୦୭/୨୬ (ମଙ୍ଗଳ ବାର ) ଫାଇନାଲ ମ୍ୟାଚ ଖୋର୍ଦ୍ଧା ଇଗଲ ଓ ଜଟଣୀ ଆନ ଇଣ୍ଡିଆନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗୋବିନ୍ଦ ସାହୁ ଜଣାଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982